ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA


RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE-10 ♦ CUTTACK ♦ WEEKLY ♦ 04 TO 10 - MARCH- 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା - ୧୦ ♦ କଟକ ♦ ସାପ୍ତାହିକ ♦ ୦୪ ରୁ ୧୦- ମାର୍ଚ୍ଚ- ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ରାଜ ଯୋଗ ମାଧ୍ୟମରେ ମଣିଷ ନିଜ ଆତ୍ମାକୁ ସଶକ୍ତ କରିପାରିବ-ରାଷ୍ଟ୍ରପତି




**କଟକ(ଏନ୍.ଏମ୍.) :** ରାଜଯୋଗ ମାଧ୍ୟମରେ ମଣିଷ ନିଜ ଆତ୍ମାକୁ ସଶକ୍ତ କରିପାରିବ ଓ ଆଜିକାର ଅଶାନ୍ତ ବାତାବରଣ ଭିତରେ ଆତ୍ମା ସଶକ୍ତ ହେଲେ ହିଁ ଏକ ଶାନ୍ତ ସମାଜ ଗଠନ ହୋଇ ପାରିବ। ଅଶାନ୍ତ ବାତାବରଣ ମଧ୍ୟରେ ନିଜକୁ କିପରି ଶାନ୍ତ ରଖିହେବ ସେହି ଜ୍ଞାନ ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ପ୍ରଦାନ କରାଯାଉଛି। ବ୍ୟକ୍ତି ଚରିତ୍ର ପରିବର୍ତ୍ତନ ହେଲେ ସମାଜରେ ଓ ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ତାଙ୍କ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ନରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ, ଓଡିଶାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ୧୯୭୩ ମସିହାରୁ କଟକରେ ଆରମ୍ଭ ହୋଇ ଅବିରତ ଭାବେ ଅଧ୍ୟାତ୍ମିକ ସେବା ଯୋଗାଇ ଆସୁଅଛି। ରାଜଯୋଗ ଦ୍ୱାରା ମାନସିକ ଶାନ୍ତି ଆଣି ସମାଜକୁ ଓ ଅର୍ଥନୈତିକ ଉନ୍ନତିକୁ ଚରିତାର୍ଥ କରିବା ବ୍ରହ୍ମାକୁମାରୀ ଆତ୍ମଜ୍ଞାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ଯେଉଁ ସମୟରେ ନାରୀମାନଙ୍କର ସମାଜରେ କୌଣସି ପ୍ରକାର ସମ୍ମାନ ବା ଅଧିକାର ନଥିଲା ସେ ସମୟରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ସେବା ଆରମ୍ଭ କରି ସେବାର ସମ୍ପୂର୍ଣ୍ଣ ଦାୟିତ୍ୱ ନାରୀମାନଙ୍କ ହାତରେ ଅର୍ପଣ କରିଥିଲେ ଓ ଆଜି ମଧ୍ୟ ନାରୀମାନଙ୍କୁ ସଶକ୍ତି କରି ଆଗକୁ ବଢାଇବା ଏହି ପଦକ୍ଷେପର ପ୍ରାସଙ୍ଗିକତା ରହିଛି ବୋଲି କହିଥିଲେ। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ରହ୍ମାକୁମାରୀ ଓ ବ୍ରହ୍ମକୁମାରମାନଙ୍କ ସେବା ବ୍ରତ ଜୀବନର ଭୂୟସୀ ପ୍ରଶଂସା କରିଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏହି କାର୍ଯ୍ୟକ୍ରମ ଆଗାମୀ ଦୁଇ ଦିନ ଧରି ଚାଲିବ। ଫୁଲନଖରା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ମୋଦୀଙ୍କ ବୈଠକରେ ୧୯୫ ଲୋକସଭା ପ୍ରାର୍ଥୀ ଚୂଡାନ୍ତ କଲା ବିଜେପି




**ନୂଆଦିଲ୍ଲୀ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାସଭବନରେ ବିଳମ୍ବିତ ରାତିରେ ବୈଠକ ଡାକିବା ପରେ ବିଜେପି ୧୯୫ ଲୋକସଭା ପ୍ରାର୍ଥୀ ଚୂଡାନ୍ତ କରିଛି। ନୂତନ ତାଲିକା ଆଗାମୀ ଦିନରେ ଘୋଷଣା କରାଯିବ ବୋଲି ସୂତ୍ରରୁ ପ୍ରକାଶ ପାଇଛି। ଏହି ତାଲିକାରେ କ୍ଷମତାସଂପନ୍ନ ବ୍ୟକ୍ତି ଯେପରିକି ବାରଣାସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୁଜୁରାଟର ଗାନ୍ଧିନଗରରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ଲକ୍ଷ୍ନୌରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଦିଙ୍କ ନାମ ଦେଖିବାକୁ ମିଳିଛି। ଗ୨୦୨୪ ଲୋକସଭା ନିର୍ବାଚନରେ ବିଜେପିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କୁ ଚୂଡ଼ାନ୍ତ କରିବା ପାଇଁ ଚାରି ଘଣ୍ଟା ଧରି ଚାଲିଥିବା ବୈଠକର ଅଧ୍ୟକ୍ଷତା କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ରାତି ୧୦.୩୦ରୁ ଆରମ୍ଭ ହୋଇଥିବା ଏହି ବୈଠକରେ ବିଜେପି ମୁଖ୍ୟ ଜେପି ନଡ୍ଡା, ଅମିତ ଶାହା ଏବଂ ରାଜନାଥ ସିଂ ଉପସ୍ଥିତ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଥିଲେ। ବିଶେଷ ସୂତ୍ରରୁ ପ୍ରକାଶ ଯେ ଏପ୍ରିଲ-ମେ ମାସରେ ହେବାକୁ ଥିବା ଲୋକସଭା ନିର୍ବାଚନରେ ଅନେକ କେନ୍ଦ୍ର ମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେମାନଙ୍କ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ନିର୍ମଳା ସୀତାରମଣ, ସରବାନନ୍ଦ ସୋନୋୱାଲ, ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିୟା ଏବଂ କେନ୍ଦ୍ର ମନ୍ତ୍ରୀ (ଏମ୍‌ଓଏସ୍) ଭି ମୁରଲୀଧରନ୍ ଅଛନ୍ତି। ବିଜେପି ତାଲିକାରେ ଦଳ ଅନେକ ମହିଳାଙ୍କ ସମେତ କିଛି ନୂଆ ଚେହେରା ଉପରେ ଧ୍ୟାନ ଦେଉଥିବାର ବି ଦେଖିବାକୁ ମିଳିବ।

## ୫ରେ ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



**ଭୁବନେଶ୍ୱର(ଏନ୍.ଏମ୍.) :** ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଏବେ ନେତାଙ୍କ ଗତିବିଧି ମଧ୍ୟ ବଢ଼ିଲାଣି। ଆସନ୍ତା ମାର୍ଚ୍ଚ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଆସିବେ ବୋଲି ଜଣାପଡିଛି । ଓଡିଶା ବିଜେପିର ସହ ପ୍ରଭାରୀ ଲତା ଉଶେଣ୍ଡି ଏହି ସୂଚନା ଦେଇଛନ୍ତି। ତେବେ ମୋଦୀଙ୍କ କାର୍ଯ୍ୟକ୍ରମ ସ୍ଥିର କରାଯାଇନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଚଣ୍ଡିଖୋଲରେ ଏକ ସାଧାରଣ ସଭା ସହ କିଛି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ତେବେ ଏନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଉଲ୍ଲେଖ ଥାଉ କି ମୋଦୀ ଫେବୃୟାରୀ ମାସ ୩ ତାରିଖରେ ସମ୍ବଲପୁର ଗସ୍ତରେ ଆସିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବଲପୁର ଗସ୍ତରେ ଆସି ରାଜ୍ୟବାସୀଙ୍କୁ ୬୮ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟି ଦେଇଥିଲେ। ବିଦ୍ୟୁତ୍, ସଡ଼କ, ରେଳ, କୋଇଲା ଏବଂ ଡାକ ଭଳି ବିଭିନ୍ନ କ୍ଷେତ୍ରର ବହୁ ପ୍ରକଳ୍ପକୁ ସେ ଲୋକାର୍ପଣ କରିଥିଲେ ଏବଂ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ସେଦିନ ସେ ରେମେଡ଼ ପଡିଆରେ ଆୟୋଜିତ ସଭାରେ କହିଥିଲେ ଯେ ଓଡ଼ିଶାର ଗ୍ରାମାଞ୍ଚଳରେ ୫୦ ହଜାର କିଲୋମିଟର ରାସ୍ତା ତିଆରି ହୋଇଛି। ୪ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି। ଗତ ୧୦ ବର୍ଷରେ ରେଳବାଇ କ୍ଷେତ୍ରରେ ବିକାଶ ଲାଗି ଓଡ଼ିଶାକୁ ୧୨ଗୁଣା ଅଧିକ ଅନୁଦାନ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଓଡ଼ିଶାକୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନକୁ ଚାଲିଛି ପ୍ରୟାସ କରାଯାଇଛି। ପ୍ରତି କ୍ଷେତ୍ରରେ ଓଡ଼ିଶାକୁ ଅଧିକରୁ ଅଧିକ ସହଯୋଗ ଦେଇଆସୁଛୁ। ଗତ ୧୦ ବର୍ଷରେ ପେଟ୍ରୋଲିୟମ କ୍ଷେତ୍ରରେ ଦେଢ଼ ଲକ୍ଷ କୋଟିର ନିବେଶ କରାଯାଇଛି।

## ଅଜବ ଦାବି ନେଇ ସୁପ୍ରିମକୋର୍ଟରେ ପହଞ୍ଚିଲେ ବ୍ୟକ୍ତି, କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ସିଜେଆଇ



**ନୂଆଦିଲ୍ଲୀ(ଏଜେନ୍ସି) :** ଅଜବ ଦାବି ନେଇ ସୁପ୍ରିମକୋର୍ଟରେ ପହଞ୍ଚିଥିବା ଜଣେ ବ୍ୟକ୍ତିଙ୍କୁ ଖୋଲାଖୋଲି ଭାବେ ଚେତାବନୀ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼। ଆବେଦନକାରୀ ଦେଶର ସମସ୍ତ ସାଂସଦ ଓ ବିଧାୟକଙ୍କ ସବୁ କାର୍ଯ୍ୟକଳାପ ଉପରେ ଡିଜିଟାଲ ଉପାୟରେ ନଜର ରଖିବା ପାଇଁ ନିବେଦନ କରିଥିଲେ। ଏହା ଶୁଣି ସିଜେଆଇ ଆଶ୍ଚର୍ଯ୍ୟ ହେବା ସହ ବିରକ୍ତି ମଧ୍ୟ ପ୍ରକାଶ କରିଛନ୍ତି। ଆବେଦନକୁ ଅଗ୍ରାହ୍ୟ କରି ଏପରି ନିବେଦନ ନେଇ ଆସିଥିବା ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ ଆବେଦନକାରୀ ସୁରିନ୍ଦର କୁନ୍ଦ୍ରାଙ୍କୁ କହିଛନ୍ତି, "କ'ଣ ନଜର ରଖିବା ପାଇଁ ସମସ୍ତ ସାଂସଦ ଓ ବିଧାୟକଙ୍କ କାନ୍ଧରେ ମାଇକ୍ରୋଚିପ ଲଗାଇବୁ ? କେମିତି ବିଧାୟକ ଓ ସାଂସଦମାନଙ୍କୁ ଡିଜିଟାଲ ଉପାୟରେ ମନିଟର କରାଯିବ ? ସାଂସଦ ଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ସହର ବିକାଶରେ ନୂଆ ମାଇଲଷ୍ଟୋନ : ବିଭିନ୍ନ ସହରରେ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର

### ଏହି ସବୁ ପ୍ରକଳ୍ପ ଆମର ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ- ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟର ସହର ବିକାଶ ଇତିହାସରେ ଆଜି ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫାଇଭ-ଟି ଉପକ୍ରମରେ ସହରବାସୀଙ୍କ ନିମନ୍ତେ ଅନେକ ସୁବିଧା ଯଥା ପିଇବା ପାଣି ସୁବିଧା, ଫେବର ଟାଇଲ ରାସ୍ତା, ସ୍ୱେରେଜ ସିଷ୍ଟମ ଓ ଅନେକ ନାଗରିକ ସେବା ସହିତ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସହର ହେଉଛି ଗୋଟିଏ ରାଜ୍ୟର ବିକାଶର ଦର୍ପଣ। ସମୃଦ୍ଧ ସହର ରାଜ୍ୟର ସମୃଦ୍ଧି ବିଷୟରେ ସୂଚନା ଦେଇଥାଏ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଫାଇଭ-ଟି ଉପକ୍ରମରେ ହେଉଥିବା ଏହି ସବୁ ବିକାଶ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି। ଏହି ସବୁ ପ୍ରକଳ୍ପ ଆମର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ସୂଚନାଯୋଗ୍ୟ ଯେ ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ୪ଟି ସହର ଯଥା କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ଦିଆଗଲା। ଏଥି ସହିତ ରାଜ୍ୟର ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପିତ ହୋଇଛି। ଏହା ଦ୍ୱାରା ୨ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏଥି ସହିତ ୨୬ଟି ସହର ବସ୍ତିମୁକ୍ତ ହେଲା। ସହରର ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ସବୁ ମୌଳିକ ସୁବିଧା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ରତ୍ନଭଣ୍ଡାର ଅଳଙ୍କାର ତଦାରଖ ପାଇଁ ଗଠନ ହେଲା କମିଟି ; ଜଷ୍ଟିସ ପଶାୟତ ହେଲେ ଅଧ୍ୟକ୍ଷ



**ଭୁବନେଶ୍ୱର(ଏନ୍.ଏମ୍.) :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ତାଲିକା ପ୍ରସ୍ତୁତିର ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷଙ୍କ ସହ ରହିଛନ୍ତି ମୋଟ ୧୨ ଜଣ ସଦସ୍ୟ। କମିଟିରେ ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡାଙ୍କୁ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କମିଟିରେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମସି ଡକ୍ଟର ବିଧୁଭୂଷଣ ସାମଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତଙ୍କୁ ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ନିଯୁକ୍ତି କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧିଙ୍କୁ ଏହି କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଛି। ଏମାନଙ୍କ ବ୍ୟତୀତ ସେବକ ଦୁର୍ଗାପ୍ରସାଦ ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ କର, ଗଣେଶ ମେକାପ ଓ ପୁରୀ ଜିଲ୍ଲାପାଳ କମିଟି ସଦସ୍ୟ ରହିଛନ୍ତି। ସେହିପରି ଶ୍ରୀମନ୍ଦିର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଫାଇଭ-ଟି ଅଧ୍ୟକ୍ଷଙ୍କ ଘୋଷଣା : ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ', ମାର୍ଚ୍ଚ ୫ରୁ ଆରମ୍ଭ ହେବ ପଞ୍ଜିକରଣ



**ଭୁବନେଶ୍ୱର(ଏନ୍.ଏମ୍.) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ ମାଗଣା ପୋଷାକ ପ୍ରଦାନ, ଶିକ୍ଷକ ପୁରସ୍କାର, ଲାପଟପ୍ ପ୍ରଦାନ, ଛାତ୍ରବୃତ୍ତି ଆଦି ଅନେକ ଯୋଜନା ଲାଗୁ କରିଛନ୍ତି। ତେବେ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ'। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ ହୋଇଥିବାବେଳେ ଏହା ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ସହାୟକ ହେବ। ଏହି ମ୍ୟାଜିକ କାର୍ଡ ଆବେଦନ ପାଇଁ ମାର୍ଚ୍ଚ ୫ ତାରିଖରୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

**ଭିଡ଼ ଭିତରୁ ଜଣେ ନିଆରା ବ୍ୟକ୍ତିତ୍ୱ**

## ବାଟ ଦେଖାଇଛନ୍ତି କମଳ, କରୁଛନ୍ତି ତୁଳସୀ ଚାଷ



**ସୁବର୍ଣ୍ଣପୁର(ଏନ୍.ଏମ୍.) :** ଚାକିରିରୁ ଅବସର ନେବା ପରେ ଚାଷ କାର୍ଯ୍ୟରେ ମଉଜି ଯାଇଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ହରଡ଼ଖୋଲ ଗାଁର କମଳ ଲୋଚନ ପୁରୋହିତ। ଧାନ କିମ୍ବା ପନିପରିବା ନୁହେଁ, ସେ କରୁଛନ୍ତି ତୁଳସୀ ଚାଷ। କିଛି ନିଆରା ଚାଷ କରିବା ନିଶାରେ ସେ ଆରମ୍ଭ କରିଥିଲେ ତୁଳସୀ ଚାଷ। ଏଥିରୁ ସେ ଭଲ ଦୁଇ ପଇସା ପାଉଥିବା ବେଳେ ଅନ୍ୟମାନଙ୍କୁ ଦେଖାଇଛନ୍ତି ରୋଜଗାରର ବାଟ। କମଳ ଲୋଚନ ପୁରୋହିତ ୩୭ ବର୍ଷ ଧରି ରାଜ୍ୟ ସରକାରଙ୍କ ବନ ବିଭାଗରେ କାର୍ଯ୍ୟ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିବା କମଳ ଲୋଚନଙ୍କ ଅଧିକ ସମୟ ନନ୍ଦନକାନନରେ ଅତିବାହିତ ହୋଇଥିଲା। ୨୦୧୭ରେ ସେ ଡିଏଫଓ ଭାବେ ଅବସର ଗ୍ରହଣ କରିଥିଲେ। ଅବସର ନେବା ପରେ କମଳ ଲୋଚନ ପୁରୋହିତ ଘରେ ବସିବାକୁ ଚାହୁଁ ନଥିଲେ। ସେ ନିଜକୁ କିଛି କାର୍ଯ୍ୟରେ ବ୍ୟସ୍ତ ରଖିବା ପାଇଁ ଚାହୁଁଥିଲେ। ବହୁତ ଭାବିବା ପରେ ସେ ନିଜ ଜନ୍ମମାଟି ହରଡ଼ଖୋଲକୁ ଫେରି ଚାଷ କରିବାକୁ ସ୍ଥିର କରିଥିଲେ। ହେଲେ ପାରମ୍ପରିକ ଚାଷ ନ କରି କିଛି ଅଲଗା କରିବା ପାଇଁ ସେ ଭାବିଥିଲେ। ଅନ୍ୟମାନଙ୍କ ପରାମର୍ଶ ନେବା ପରେ ସେ ତୁଳସୀ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାୟ ଗୋଟିଏ ଏକର ଜମିରେ କମଳ ଲୋଚନ ପୁରୋହିତ ତୁଳସୀ ଚାଷ କରିଛନ୍ତି। ଏଥିପାଇଁ ସେ ୪ ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ତୁଳସୀ ଗଛଗୁଡ଼ିକର ରକ୍ଷଣାବେକ୍ଷଣ କରନ୍ତି। ତା'ସହିତ ପତ୍ର ତୋଳନ୍ତି। କମଳ ଲୋଚନ ପୁରୋହିତ କହିଛନ୍ତି, ପ୍ରତି ଦୁଇ ମାସରେ ଥରେ ତୁଳସୀ ପତ୍ର ତୋଳାଯାଏ। ଗୋଟିଏ ଥରରେ ପ୍ରାୟ ୮୦୦ରୁ ୯୦୦ କେଜି ପତ୍ର ବାହରିଥାଏ। ସେଥିରୁ ୪ କେଜି ତୁଳସୀ ତେଲ ବାହାରେ। ତୁଳସୀ ପତ୍ରରୁ ତେଲ ବାହାର କରିବା ପାଇଁ ଯେଉଁ ମେସିନ ଅଛି, ତାହା ଆମ ଗାଁ କିମ୍ବା ଆଖପାଖରେ ନାହିଁ। ସେଥିପାଇଁ ଟିକେ ଦୂର ବାଟ ଯିବାକୁ ପଡ଼େ। ସେ କହିଛନ୍ତି, ତୁଳସୀ ତେଲର ବିକ୍ରି ଦୁଇ ପ୍ରକାରରେ ହୋଇଥାଏ। ଜଣେ ଚାହିଁଲେ କେଜି ହିସାବରେ ବିକ୍ରି କରିପାରିବେ। ନହେଲେ ଛୋଟ ଛୋଟ ବୋତଲରେ ଭର୍ତ୍ତି କରି ବିକ୍ରି କରିପାରିବେ। ତୁଳସୀ ତେଲର ଭଲ ଚାହିଦା ରହିଛି। ଏଥିରେ ଅନ୍ୟ କିଛି ମିଶେ ନାହିଁ। ତୁଳସୀ ତେଲର ବିକ୍ରିକୁ ଆହୁରି ବଢ଼ାଇବା ପାଇଁ ଚିନ୍ତା କରୁଛନ୍ତି କମଳ ଲୋଚନ ପୁରୋହିତ। ତେଣୁ ସେ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ଏହି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସହିତ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରୁଥିବା ବିଭିନ୍ନ କମ୍ପାନୀଗୁଡ଼ିକର ପରାମର୍ଶ ସେ ନେବେ ବୋଲି କହିଛନ୍ତି। ତୁଳସୀ ଚାଷରେ ଅଳ୍ପ ଖର୍ଚ୍ଚରେ ଭଲ ଲାଭ ହୋଇଥାଏ। ଆଗକୁ ଅନ୍ୟମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି କହିଛନ୍ତି କମଳ ଲୋଚନ ପୁରୋହିତ।



### DECLARATION FROM-1

I, Smt. Manasi Sahoo declare that I am the printer and publisher of the Newspaper "**NISHKARSHA**" printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha) and published from At-Badachanchoo, Po-Nakhara, Via-Choudwar, Dist-Cuttack-754025 (Odisha) and the particulars in respect of the said News paper is given below are true to the best of my knowledge and belief.

1. Title of the Newspaper : **NISHKARSHA**
2. Language : Odia
3. Periodicity : Weekly
4. Place of Publication : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
5. Publisher's Name : **Smt. Manasi Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
6. Printer's Name : **Smt. Manasi Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
7. Editors' Name : **Sri Tapan Kumar Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
8. Owner's Name : **NISHKARSHA MEDIA ENTERTAINMENT AND PUBLICATION**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025 (Odisha)
9. Place of Printing : Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha)

Sd/- **Smt. Manasi Sahoo**
Printer & Publisher

**Date: 29/02/2024**

# ନୂଆ ରୂପରେ ପରଦାକୁ ଆସିବ 'ରାମାୟଣ': ରାମଙ୍କ ସନ୍ଧାନରେ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର




**ନୂଆଦିଲ୍ଲୀ(ଏଜେନ୍ସି):** ରାମାନନ୍ଦ ସାଗରଙ୍କ ରଚିତ 'ରାମାୟଣ' ଖୁବ ଲୋକପ୍ରିୟ ହୋଇ ପାରିଛି। ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି ଏହି ରାମାୟଣର ପ୍ରତିଟି ଚରିତ୍ର। ଅରୁଣ ଗୋଭିଲ(ରାମ), ଦୀପିକା ଚିଖଲିୟା(ସୀତା)ଙ୍କ ସମେତ ଦାରା ସିଂହ(ହନୁମାନ) ଏବଂ ଅନ୍ୟ କଳାକାର ଧାରାବାହିକକୁ ଏକ ଉଚ୍ଚସ୍ତରରେ ପହଞ୍ଚାଇ ପାରିଥିଲେ। ଯାହା ଫଳରେ ଆଜି ମଧ୍ୟ ଏହି ଧାରାବାହିକ ସର୍ବଶ୍ରେଷ୍ଠ ରହିଛି। କିନ୍ତୁ ବର୍ତ୍ତମାନ ଏହି ମହାକାବ୍ୟକୁ ଆଉ ଏକ ନୂଆ ରୂପରେ ପରଦାକୁ ଆଣିବା ପାଇଁ ଯୋଜନା କରୁଛନ୍ତି ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର। ରାମାୟଣରେ ମହାକାବ୍ୟକୁ ସୁନ୍ଦର ରୂପରେ ଦର୍ଶାଇ ପାରିଥିଲେ ରାମାନନ୍ଦ ସାଗର ଏବଂ ଏହାର କଳାକାର। କିନ୍ତୁ ଏବେ ଏହାକୁ ଏକ ନୂଆ ରୂପ ଦେଇ ଦର୍ଶକଙ୍କ ପାଇଁ ଆଣିବାକୁ ଯାଉଛନ୍ତି ପ୍ରେମ୍ ସାଗର। ତେବେ ଏଥିପାଇଁ ବର୍ତ୍ତମାନ ସୁଦ୍ଧା ଆଉ ଜଣେ 'ରାମ'ଙ୍କ ସନ୍ଧାନରେ ରହିଛନ୍ତି ନିର୍ମାତା। ନୂଆ 'ରାମାୟଣ'କୁ ନେଇ ପ୍ରେମ୍ ସାଗର କହିଛନ୍ତି ଯେ, ଏହା ଏକ ବଡ଼ ଚାଲେଞ୍ଜ ରହିବ, କାରଣ ଲୋକ ଏହାକୁ ନିଶ୍ଚୟ ତୁଳନା କରିବେ। ତେବେ ପ୍ରେମ ସାଗର ପ୍ରସ୍ତୁତ କରୁଥିବା ରାମାୟଣ ରାମାନନ୍ଦଙ୍କ ଦ୍ୱାରା ନିର୍ମିତ ପୂର୍ବ ରାମାୟଣ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରେମ ସାଗର କହିଛନ୍ତି ଯେ ସେଭଳି ଆଉ ଏକ 'ରାମାୟଣ' କେବେ ତିଆରି ହୋଇପାରିବ ନାହିଁ ଏବଂ ଏହାକୁ ପରିବର୍ତ୍ତନ କରିବା ମୂର୍ଖତା ହେବ। ତେଣୁ ଏହା ପରିବର୍ତ୍ତେ ନିର୍ମାତା ଅନ୍ୟ ବିକଳ୍ପ ସନ୍ଧାନରେ ରହିଛନ୍ତି। ଯେପରିକି 'ମହାକାବ୍ୟ କଥା', ଯାହାକୁ ସୀତା, ହନୁମାନ କିମ୍ବା ରାମାୟଣର ପ୍ରକୃତ ଭକ୍ତ କାକଭୁଷୁଣ୍ଡିଙ୍କ ଉପରେ ଆଧାରିତ ହୋଇପାରେ। ଏ ନେଇ ପ୍ରେମ ସାଗର ଏହାର ଏକ ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ମହାଯୁଦ୍ଧରେ ରାବଣଙ୍କ ମୃତ୍ୟୁ ପରେ ତାଙ୍କ ଭଉଣୀ ସୁର୍ପଣଖା ନାଚିଥିଲେ ଏବଂ ହସୁଥିଲେ। ପ୍ରେମ ସାଗର କହିଛନ୍ତି ଯେ, ଦର୍ଶକମାନେ ମଧ୍ୟ ଆଶ୍ଚର୍ଯ୍ୟ ହେବେ କାରଣ ଖୁବ୍ କମ୍ ଲୋକ ଜାଣନ୍ତି ଯେ ରାବଣ ସୁର୍ପଣଖାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ତେଣୁ, ଏହା ସେମାନଙ୍କ ପାଇଁ ଏକ ରହସ୍ୟ ଉଦଘାଟନ ହୋଇପାରେ। ରାମାୟଣରେ ସମସ୍ତ ନବରସ ରହିଛି। ଏହା ବ୍ୟତୀତ ରାମ, ଲକ୍ଷ୍ମଣଙ୍କ ପରି ଅନ୍ୟ ଚରିତ୍ରରେ କିଏ ଅଭିନୟ କରିବେ, ଏହା ମଧ୍ୟ ଏକ ଚାଲେଞ୍ଜ ରହିବ ବୋଲି ପ୍ରେମ ସାଗର ପ୍ରକାଶ କରିଛନ୍ତି।

# 'ଝଲକ ଦିଖଲା ଜା' ଟ୍ରଫି ଜିତିଲେ ମନୀଷା ରାନୀ



**ମୁମ୍ବାଇ(ଏଜେନ୍ସି):** ସାଢେ ତିନି ମାସର ପ୍ରତିଯୋଗିତା ପରେ 'ଝଲକ ଦିଖଲା ଜା' ସିଜିନ୍ ଇଲେଭେନ ପାଇଛି ୱିନର। ମନୀଷା ରାନୀ ହୋଇଛନ୍ତି ସିଜିନ ଇଲେଭେନର ବିଜେତା। ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ଆସିଥିବା ମନୀଷା ଟାଇଟଲ୍ ହାସଲ କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଏହା ପୂର୍ବରୁ ୨୦୦୯ରେ ୱାଇଲ୍ଡକାର୍ଡ ପ୍ରତିଯୋଗୀ ୱିନର ହୋଇଥିଲେ। ଯେବେଠାରୁ ମନୀଷା ରାନୀ ଶୋ'ରେ ଏଣ୍ଟ୍ରି କରିଥିଲେ, କେବଳ ଦର୍ଶକ ନୁହଁନ୍ତି ବରଂ ବିଚାରପତି ଫରାହ ଖାନ, ମଲାଇକା ଆରୋରା ଏବଂ ଅର୍ଶଦ ୱାର୍ସି ମନୀଷା ରାନୀଙ୍କ ଡ୍ୟାନ୍ସକୁ ଖୁବ୍ ପ୍ରଶଂସା କରିଥିଲେ। ନିଜର ଡ୍ୟାନ୍ସ ମୁଭ୍ ଏବଂ ଏକ୍ସପ୍ରେସନକୁ ନେଇ ଚର୍ଚ୍ଚାରେ ଥିବା ମନୀଷା ରାନୀ ସମସ୍ତଙ୍କ ମନ କିଣି ନେଇଛନ୍ତି। ୱାଇଲ୍ଡକାର୍ଡରେ ଆସି ସେ ହି ମୁକୁଟର ହକଦାର ବନିଛନ୍ତି। ଏହି ରିଆଲିଟି ଶୋ'ର ଫାଇନାଲ୍ ପ୍ରତିଯୋଗିତାରେ ମନୀଷା ରାନୀଙ୍କ ବ୍ୟତୀତ ଆଦ୍ରିଜା ସିହ୍ନା ଏବଂ ଶୋଏବ ଇବ୍ରାହିମ୍ ଟପ୍ ୩ରେ ରହିଥିଲେ। ଏମାନଙ୍କ ମଧ୍ୟରେ ଫାଇନାଲ କର୍ମ୍ପିଟିସନ ହୋଇଥିଲା। ଫାଇନାଲରେ ମନୀଷା ରାନୀ ୱିନର୍ ହୋଇଛନ୍ତି। ଶୋ ଆରମ୍ଭରେ ଶିବ ଠାକରେ, ସଂଗୀତ ଫୋଗଟ, ଶ୍ରୀରାମ ଚନ୍ଦ୍ର, ତନିଷା ମୁଖାର୍ଜୀ, ଅଞ୍ଜଳି ଆନନ୍ଦ, ରାଜୀବ ଠାକୁର, କରୁଣା ପାଣ୍ଡେ, ଉର୍ବଶୀ ଢୋଲକିଆ ଏବଂ ଆମୀର ଅଲି ପ୍ରତିଯୋଗୀ ଭାବେ ସାମିଲ ହୋଇଥିଲ। ଏହା ପରେ ମନୀଷା ରାନୀ, ଧନଶ୍ରୀ ବର୍ମା, ସାଗର ପାରେଖ, ଆୱାଜ ଦାରବାର, ଗ୍ଲେନ ସାଲଦାନା ଏବଂ ନିକିତା ଗାନ୍ଧୀ ୱାଇଲ୍ଡକାର୍ଡ ଏଣ୍ଟ୍ରି କରିଥିଲେ, ଯେଉଁମାନେକି ଫ୍ୟାନ୍ସଙ୍କ ଫେବରେଟ୍ ବନିଥିଲେ। ଆଉ ଶେଷରେ ସିଜିନ ଇଲେଭେନକୁ ମିଳିଯାଇଛି ୱିନର।


# ଷ୍ଟଣ୍ଟ ଦେଖାଉଥିଲେ ଅକ୍ଷୟ-ଟାଇଗର, ହେଲା ଚପଲ-ପଥର ମାଡ଼



**ମୁମ୍ବାଇ(ଏଜେନ୍ସି):** ବଲିଉଡର ଖିଲାଡି ଷ୍ଟାର୍ ଅକ୍ଷୟ କୁମାର ଓ ଆକ୍ସନ ହିରୋ ଟାଇଗର ଶ୍ରଫ। ଫିଲ୍ମ ପ୍ରମୋସନ ପାଇଁ ଉଭୟ ଷ୍ଟାର୍ ଦେଖଉଥିଲେ ଷ୍ଟଣ୍ଟ। ଏହି ଦୁଇ ହିରୋଙ୍କୁ ଦେଖିବା ପାଇଁ ଜମିଥିଲା ପ୍ରବଳ ଭିଡ। ଠିକ୍ ଏତିକି ବେଳେ ଭିଡ ଭିତରେ ଉଡିଥିଲା ଚପଲ, ମାଡ ହୋଇଥିଲା ପଥର। ଫଳରେ ପୁଲିସ ଲୋକଙ୍କ ଉପରେ ଲାଠି ଚାର୍ଜ କରିଥିଲା। ଏଭଳି କିଛି ଦୃଶ୍ୟ ଏବେ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଖୁବଶୀଘ୍ର ଏହି ଦୁଇ ଷ୍ଟାର୍ଙ୍କୁ ବଡ ପରଦାରେ ଏକାଠି ଦେଖିବାକୁ ମିଳିବ। ଉଭୟଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ବଡେ ମିୟାଁ ଛୋଟେ ମିୟାଁ' ରିଲିଜ ପାଇଁ ପ୍ରସ୍ତୁତ। ଏହି ଫିଲ୍ମକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଜୋରଦାର କ୍ରେଜ ରହିଛି। ଏହି ଫିଲ୍ମର ପ୍ରମୋସନ ପାଇଁ ନିକଟରେ ଅକ୍ଷୟ କୁମାର ଓ ଟାଇଗର ଶ୍ରଫ ଲକ୍ଷ୍ନୌ ଯାଇଥିଲେ। ସେଠାକାର ଘଣ୍ଟାଘର ପାଖରେ ପହଞ୍ଚି ଫିଲ୍ମ ପ୍ରମୋସନ ପାଇଁ ଲୋକଙ୍କ ସାମ୍ନାରେ ଉଭୟ ଷ୍ଟଣ୍ଟ ଦେଖାଇଥିଲେ। ଏହି ଦୁଇ ଷ୍ଟାର୍ଙ୍କୁ ଦେଖିବାକୁ ପାଇଁ ଖଚାଖଚ ଭିଡ ମଧ୍ୟ ଜମିଥିଲା। କିନ୍ତୁ ଦେଖୁଦେଖୁ ଏହି ଭିଡ ବଢ଼ିବାକୁ ଲାଗିଥିଲା ଓ ଲୋକଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକେ ପରସ୍ପର ଉପରକୁ ଚପଲ ଫିଙ୍ଗିବା ସହ ପଥର ମାଡ କରିଥିଲେ। ଫଳରେ ପୁଲିସ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଲାଠି ଚାର୍ଜ କରିଥିଲା। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଅକ୍ଷୟ କୁମାର ଓ ଟାଇଗରଙ୍କ ଇଭେଣ୍ଟରେ ହୋଇଥିବା ଏହି ଉତ୍ତେଜନାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଚାଲିଛି। ଅକ୍ଷୟ କୁମାର ଓ ଟାଇଗର ଶ୍ରଫଙ୍କ ଆକ୍ସନ ଥ୍ରୀଲର ଫିଲ୍ମ 'ବଡେ ମିୟାଁ ଛୋଟେ ମିୟାଁ' ଆସନ୍ତା ଇଦ୍ ଅବସରରେ ପରଦାକୁ ଆସିବ। ଏହି ଫିଲ୍ମରେ ଉଭୟ ଷ୍ଟାର୍ଙ୍କୁ ଭୟାନକ ଷ୍ଟଣ୍ଟ ସିନ୍ ରହିଛି। କେବଳ ସେତିକି ନୁହେଁ ଏହି ଦୁଇ ଷ୍ଟାର୍ ପ୍ରଥମ ଥର ଏହି ଫିଲ୍ମ ଜରିଆରେ ଏକାଠି ସ୍କ୍ରିନ୍ ସେୟାର କରିବାକୁ ଯାଉଛନ୍ତି। ଅକ୍ଷୟ ଓ ଟାଇଗରଙ୍କୁ ଏଥିରେ ଆର୍ମି ଅଫିସର ଭୂମିକାରେ ଦେଖିବାକୁ ମିଳିବ। ସେହିପରି ଏମାନଙ୍କ ବ୍ୟତୀତ ଫିଲ୍ମରେ ଲିଡ୍ ଅଭିନେତ୍ରୀର ରୂପେ ମାନୁଷି ଛିଲ୍ଲର ଓ ସୋନାକ୍ଷୀ ସିହ୍ନା ନଜର ଆସିବେ। ଖଳନାୟକ ଭୂମିକାରେ ସାଉଥଷ୍ଟାର୍ ପୃଥ୍ୱୀରାଜ ସୁକୁମାରନ୍‌ଙ୍କୁ ଦେଖିବାକୁ ମିଳିବ।

# ଅମ୍ବାନୀ ପ୍ରି-ୱେଡିଂରେ ସାମିଲ ହେଲେ ହଲିଉଡ଼ ପପ୍ ଗାୟିକା ରିହାନା





**ଜାମନଗର(ଏଜେନ୍ସି):** ବିଶିଷ୍ଟ ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ଖୁବ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ଆସନ୍ତା ଜୁଲାଇ ମାସରେ ସେ ରାଧିକା ମର୍ଚ୍ଚେଣ୍ଟଙ୍କ ହାତ ଧରିବେ। ତେବେ ବିବାହ ପୂର୍ବରୁ ଆରମ୍ଭ ହୋଇଯାଇଛି ଅମ୍ବାନୀଙ୍କ ପ୍ରିୱେଡିଂ ଫଙ୍କସନ୍। ଗୁଜରାଟର ଜାମନଗରରେ ଏହି ରୟାଲ ୱେଡିଂର ପ୍ରି-ଫଙ୍କସନ୍ ସାମିଲ ହେବା ପାଇଁ ଅନେକ ବଲିଉଡ ଓ ହଲିଉଡ ଷ୍ଟାର୍ ଗୁଜରାଟରେ ଡେରା ପକାଇଛନ୍ତି। ତେବେ ଅମ୍ବାନୀଙ୍କ ଏହି ପ୍ରି-ୱେଡିଂର ମୁଖ୍ୟ ଆକର୍ଷଣ ସାଜିଛନ୍ତି ହଲିଉଡ ପପ୍ ଷ୍ଟାର୍ ରିହାନା। ଅନନ୍ତ ଅମ୍ବାନୀ ଓ ରାଧୀକାଙ୍କ ପ୍ରି-ୱେଡିଂରେ ପରଫର୍ମ କରିବେ ହଲିଉଡ ଷ୍ଟାର୍ ରିହାନା। ତେବେ ଅମ୍ବାନୀଙ୍କ ଏହି ପ୍ରି-ୱେଡିଂରେ ପରଫର୍ମ କରିବା ପାଇଁ ମୋଟା ଅଙ୍କର ଫିସ୍ ଚାର୍ଜ କରିଛନ୍ତି ରିହାନା। ମାତ୍ର କିଛି ଘଣ୍ଟାର ପରଫର୍ମ ପାଇଁ ରିହାନା ନେଉଛନ୍ତି କୋଟି କୋଟି ଟଙ୍କା। ପ୍ରି-ୱେଡିଂରେ ପରଫର୍ମ ପାଇଁ ରିହାନାଙ୍କୁ ୬୬ରୁ ୭୪ କୋଟି ଟଙ୍କା ଦେଉଛନ୍ତି ଅମ୍ବାନୀ। ଏଥିରେ ତାଙ୍କ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଓ ଆଟଫିଟର ଫିସ୍ ମଧ୍ୟ ସାମିଲ ଅଛି। ଗତ ଗୁରୁବାର ଦିନ ଭାରତ ଆସିବା ପରେ ଜାମନଗରରେ ଆସି ପହଞ୍ଚିଥିଲେ ରିହାନା। ସେ ନିଜ ସହ ଏକ ଟ୍ରକରେ ଭର୍ତ୍ତି କରି ଲଗେଜ ଆଣିଥିଲେ। ସେ ଜାମନଗରରେ ପହଞ୍ଚିବା ପରେ ଗୁରୁବାର ଠାରୁ ହିଁ ନିଜର ରିହର୍ସାଲ ଆରମ୍ଭ କରି ଦେଇଥିଲେ। ତାଙ୍କର ରିହର୍ସାଲର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ସୂଚନା ମୁତାବକ, ରିହାନା ଅମ୍ବାନୀଙ୍କ ଫଙ୍କସନରେ ନିଜ ହିଟ୍ ଗୀତରେ ପରଫର୍ମ କରିଛନ୍ତି। ସେହିପରି ଅନନ୍ତ ଅମ୍ବାନୀଙ୍କ ପ୍ରି-ୱେଡିଂରେ ସାମିଲ ହେବା ପାଇଁ ପୂରା ବଲିଉଡ ଆସି ଜାମନଗରେ ପହଞ୍ଚି ସାରିଛି। ତିନି ଦିନ ଚାଲିବାକୁ ଥିବା ଏହି ଫଙ୍କସନରେ ଅମିତାଭ ବଚ୍ଚନଙ୍କ ଠାରୁ ଆରମ୍ଭ କରି ଶାହରୁଖ ଖାନ୍, ସଲମାନ ଖାନ୍, ଦୀପିକା ପାଦୁକୋନ, ରଣବୀର ସିଂହ, ମାର୍କ ଜୁକରବର୍ଗ, ଇଭାଙ୍କା ଟ୍ରମ୍ପଙ୍କ ସମେତନ ଅନେକ ଷ୍ଟାର୍ ସାମିଲ ହୋଇଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ପର୍କ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ବଜାରରେ ଉପଲବ୍ଧ ପ୍ୟାକେଟ ଅଟା ସ୍ୱାସ୍ଥ୍ୟ ପାଇଁ ହାନିକାରକ !

ବଜାରରେ ମିଳୁଥିବା ଅଟା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ, ମାତ୍ର ଏଥିରୁ ସମସ୍ତ ପଷୋକ ତତ୍ତ୍ୱ ନଷ୍ଟ ହୋଇ ଯାଇଥାଏ। ଅଟାକୁ ସତେଜ ଦେଖାଯିବା ପାଇଁ ଅଧିକ ପେଷାଯିବା କାରଣରୁ ଏଥିରୁ ଫାଇବର ମଧ୍ୟ ହ୍ରାସ ପାଇଥାଏ। ଏହି କାରଣରୁ ପ୍ୟାକେଟ ଅଟାରୁ ତିଆରି ରୁଟି ହଜମ ହେବାରେ ବିଳମ୍ବ ହୋଇଥାଏ। ଅନେକ ସମୟରେ ଅଟାକୁ ଅଧିକ ଧଳା କରିବା ପାଇଁ ଖରାପ ଚାଉଳକୁ ଏଥିରେ ମିଶା ଯାଇଥାଏ। ଅଟାକୁ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବା ପାଇଁ ଏଥିରେ ଅନେକ ପ୍ରକାର ରାସାୟନିକ ମିଶା ଯାଇଥାଏ। ତେଣୁ ବହୁ ଦିନ ଧରି ପ୍ୟାକେଟରେ ଥିବା ଅଟା ଖାଇବା ଫଳରେ ମେଦବହୁଳତା, ମଧୁମେହ ଏବଂ ହଜମରେ ସମସ୍ୟା ହେବାର ଆଶଙ୍କା ବଢିଥାଏ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ପ୍ୟାକେଟ୍ ଅଟା ଆଦୌ ଭଲ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ ରହିଛି।

### ତେବେ କେଉଁ ଅଟା ସ୍ୱାସ୍ଥ୍ୟ ପାଇଁ ଉପକାରୀ

ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ, ମଲ୍ଟିଗ୍ରେନ୍ ଅଟା ଉତ୍ତମ। କିନ୍ତୁ ମନେରଖନ୍ତୁ ଏହି ଅଟା ଯେପରି ପ୍ୟାକେଜିଂ ହୋଇନଥିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ନିକଟସ୍ଥ ମିଲରୁ ଅଟା କିଣନ୍ତୁ। ରସାୟନ ମିଶ୍ରିତ ହୋଇନଥିବା ଉଚ୍ଚ ଫାଇବର ମଇଦା ଖାଇବା ଦ୍ୱାରା ମୋଟାପଣ କମିଯାଏ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ମକା, ଜୋୱାର, ରାଗି, ସୋୟାବିନ୍ ଏବଂ ଚଣାକୁ ଅଟାରେ ମିଶାଇ ଗ୍ରାଇଣ୍ଡ୍ କରନ୍ତୁ, ଏହା ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ। ଶୀତଦିନେ, ଜୋୱାର ବଦଳରେ ଅଟାରେ



## ମା'ରାଣ ଦେହକୁ ନେବେନି...



କଲେଜ ପଢୁଆଁ ପିଲାଏ ଗାଁର  
ପାଉନଥିଲେ ଯେ ଲମ୍ବା ପେଏଣ୍ଟ...  
ନବୀନସର୍କାର ଭୋଅଟ ବେଳକୁ  
ଦେଇଦେଲା ଷ୍ଟାଇପେଏଣ୍ଟ...  
ପିଲେବୁଲିବେ ପକେଇ ସେଏଣ୍ଟ...  
ଯୁଆଡେଦେଖିବ ପଢୁଅଁପଢୁଅଁ  
ନ ପାଆନ୍ତି ଶଙ୍କର ମେଏଣ୍ଟ...

- ସମ୍ବିତ ସେନାପତି

## ବୋଉର ରୋଷେଇ ଘର


# ଦହି ମାଛ



**ଆବଶ୍ୟକ ସାମଗ୍ରୀ:** ମାଛ, ଦହି, ଲୁଣ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଟମାଟୋ, ଅଦାରସୁଣ , ଦହି, ଗରମ ମସଲାଗୁଣ୍ଡ, ସୋରିଷ, ଜିରା, ଶୁଖିଲା ଲଙ୍କା, ଭୃଷଙ୍ଗ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଧୋଇ ରଖନ୍ତୁ। ଏହାପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଟମାଟୋ ପ୍ୟୁରି, ଅଦାରସୁଣ ପେଷ୍ଟ, ଦହି, ଗରମ ମସଲାଗୁଣ୍ଡ, ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ମସଲା ଗୋଳା ମାଛକୁ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ସେଥିରେ ସୋରିଷ, ଜିରା, ଶୁଖିଲା ଲଙ୍କା ଓ ଭୃଷଙ୍ଗ ପତ୍ର ପକାଇ ଛୁଙ୍କ ପ୍ରସ୍ତୁତ କରନ୍ତୁ। ଛୁଙ୍କ ଅଳ୍ପ ଥଣ୍ଡା ହେବା ପରେ ଦହିରେ ଗୋଳାଇ ଦିଅନ୍ତୁ। ଏହାପରେ ଦହି ଛୁଙ୍କକୁ ଭଜା ମାଛ ଉପରେ ପକାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଦହି ମାଛ । ଗରମ ଗରମ ଭାତ ସହ ଏହାର ମଜା ନେଇପାରିବେ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ପାହାଡ଼ ଖୋଳିବା ବେଳେ ଚାପି ହୋଇଗଲେ ଶ୍ରମିକ; ଘଟଣାସ୍ଥଳରେ ୫ ଶ୍ରମିକଙ୍କ ମୃତ୍ୟୁ



**ଦାନ୍ତେୱାଡା (ଏଜେନ୍ସି):** ଛତିଶଗଡ଼ର ଦାନ୍ତେୱାଡା ଜିଲ୍ଲାର ବୈଲାଡିଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଥିବା ଲୁହାପଥରର ପାହାଡ ଉପରେ ଖନନ ବେଳେ ପଥର ଖସି ପଡ଼ିଛି। ପଥର ତଳେ ୫ ଜଣ ଶ୍ରମିକ ଚାପି ହୋଇ ୫ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏକ ପୋଲକେନ୍ ମେସିନ୍ ମଧ ପଥର ମାଡ଼ରେ ଧକ୍କା ଖାଇଛି। ମିଳିଥିବା ସୂଚନା ଅନୁଯାୟୀ, କିରାନ୍ଦୁଲସ୍ଥିତ ଏନ୍ଏମ୍ଡିସିର ଖଣିଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏଲ୍ ଆଣ୍ଡ୍ ଟି କମ୍ପାନି ପକ୍ଷରୁ ପାହାଡ଼ ଖନନ କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବାକି ଶ୍ରମିକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବର୍ତ୍ତମାନ ବରିଷ୍ଠ ଅଧିକାରୀ ଓ ଏସଡିଆରଏଫ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ଘଟଣାସ୍ଥଳରେ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି। ପୂରା ଘଟଣା କିରାଣ୍ଡୁଲ ଥାନା ଅଞ୍ଚଳରୁ ସାମ୍ନାକୁ ଆସିଛି। ଏସପି ଗୌରବ ରାୟ ଏହି ଘଟଣାକୁ ନିଶ୍ଚିତ କରିଛନ୍ତି। ଏଥିସହ ପୋତି ହୋଇଥିବା ଶ୍ରମିକମାନଙ୍କୁ ବାହାର କରିବା ପାଇଁ ବଡ଼ ବଡ଼ ମେସିନ୍ ଲଗାଯାଇଛି। ପଡ଼ିଥିବା ଆବର୍ଜନାକୁ ବାହାର କରି ବାହାର କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ଘଟଣାର ଅନେକ ଫଟୋ ମଧ ସାମ୍ନାକୁ ଆସିଛି ଯେଉଁଥିରେ ଦେଖିବାକୁ ମିଳୁଛି ରିଲିଫ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହି ଘଟଣା ପରେ ଖନନ କାର୍ଯ୍ୟକୁ ବର୍ତ୍ତମାନ ପାଇଁ ବନ୍ଦ କରି ଦିଆଯାଇଛି। ପାହାଡ଼ ଖୋଳିବାରେ ନିୟୋଜିତ ସମସ୍ତ ଶ୍ରମିକ ଭୟଭୀତ ହୋଇପଡ଼ିଛନ୍ତି। ଆବର୍ଜନା ହଟାଇବା ପରେ ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣାର ପ୍ରକୃତ କାରଣ କ'ଣ ତାହା ସ୍ପଷ୍ଟ ହୋଇନାହିଁ।

# ଡିଏମକେ ସରକାରୀ ବିଜ୍ଞାପନରେ ଚୀନ୍ ପତାକା: ଭର୍ତ୍ସନା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ(ଏଜେନ୍ସି):** ଦକ୍ଷିଣ ରାଜ୍ୟରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଦ୍ୱିତୀୟ ମହାକାଶବନ୍ଦରର ବିଜ୍ଞାପନରେ ଚୀନ୍ ପତାକା ଥିବା ରକେଟ୍ ଲଗାଯାଇଥିବା ଦେଖିବାକୁ ମିଳିବା ପରେ ତାମିଲନାଡୁ ସରକାର ଲଜ୍ଜିତ ହୋଇଛନ୍ତି। ରାଜ୍ୟ ମତ୍ସ୍ୟମନ୍ତ୍ରୀ ଅନିତା ରାଧାକ୍ରିଷ୍ଣନଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ବିଜ୍ଞାପନର ଉଦ୍ଦେଶ୍ୟ ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଲାସେକରପଟ୍ଟିନମ୍‌ରେ ଇସ୍ରୋ ମହାକାଶବନ୍ଦର ପାଇଁ କରୁଥିବା ଶିଳାନ୍ୟାସ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧି ଓ ତାଙ୍କ ପୁଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପ୍ରୟାସ ଉପରେ ଆଲୋକପାତ କରିବା। କିନ୍ତୁ ଏଥିରେ



ଚୀନ୍ ଜାତୀୟ ପତାକା ଲାଗିଥିବା କମ୍ପ୍ୟୁଟର ନିର୍ମିତ ରକେଟ୍ ଦେଖିବାକୁ ମିଳିଥିଲା, ଯାହାକୁ ବିଜେପି ପକ୍ଷରୁ କଠୋର ସମାଲୋଚନା କରାଯାଇଛି। ଡିଏମକେକୁ ଭର୍ତ୍ସନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଡିଏମକେର ଏଭଳି ଆଭିମୁଖ୍ୟ ନିନ୍ଦନୀୟ ଏବଂ ଏହା ସୀମା ଅତିକ୍ରମ କରିଛି। ଡିଏମକେ ଏପରି ଏକ ଦଳ ଯିଏ କୌଣସି କାମ କରେ ନାହିଁ ବରଂ ମିଛ ଶ୍ରେୟ ନେବାକୁ ଆଗେଇ ଆସେ। ଏବେ ସେମାନେ ଅନର୍ଥକର କାର୍ଯ୍ୟକରି ସୀମା ଅତିକ୍ରମ କରିଛନ୍ତି। ତାମିଲନାଡୁରେ ଇସ୍ରୋ ଲଞ୍ଚପ୍ୟାଡର ଶ୍ରେୟ ନେବା ପାଇଁ ସେମାନେ ଚୀନର ଷ୍ଟିକର ଲଗାଇଛନ୍ତି ବୋଲି ତିରୁନେଲଭେଲିରେ ଏକ ଜନସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନେ ଭାରତର ମହାକାଶର ଅଗ୍ରଗତି ଦେଖିବାକୁ ପ୍ରସ୍ତୁତ ନୁହନ୍ତି ଏବଂ ଆପଣ ଦେଉଥିବା ଟିକସରେ ସେମାନେ ବିଜ୍ଞାପନ ଦିଅନ୍ତି ଏବଂ ଏଥିରେ ଭାରତର ଚିତ୍ର ମଧ ଅନ୍ତର୍ଭୁକ୍ତ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସ୍ଥାନୀୟ ଦୈନିକ ଖବରକାଗଜରେ ପ୍ରକାଶିତ ଏହି ବିଜ୍ଞାପନକୁ ବିଜେପି ରାଜ୍ୟ ସଭାପତି କେ ଆନ୍ନାମଲାଇ ନିନ୍ଦା କରିବା ସହ ଡିଏମକେ ଦେଶର ସାର୍ବଭୌମତ୍ୱ ପ୍ରତି ଅବମାନନା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଛନ୍ତି। ଆନ୍ନାମଲାଇ ଏକ୍ସରେ କହିଛନ୍ତି, ଏହି ବିଜ୍ଞାପ ହେଉଛି ଚୀନ୍ ପ୍ରତି ଡିଏମକେ ପ୍ରତିବଦ୍ଧତାର ଏକ ପ୍ରତିଫଳନ। ଏହା ଡିଏମକେର ଦେଶବିରୋଧୀ ଚରିତ୍ରକୁ ପ୍ରମାଣିତ କରେ ବୋଲି ଆନ୍ନାମଲାଇ କହିଛନ୍ତି।

# ପୁଣି ଜାତିସଂଘରେ ଅପମାନିତ ହେଲା ପାକିସ୍ତାନ, କଶ୍ମୀର ପ୍ରସଙ୍ଗ ଉଠାଇବାରୁ ପାଇଲା କଡ଼ା ଜବାବ




**ୱାଶିଂଟନ(ଏଜେନ୍ସି):** ପୁଣି ଥରେ ପାକିସ୍ତାନକୁ କଡ଼ା ଜବାବ ଦେଇଛି ଭାରତ। ମିଳିତ ଜାତିସଂଘ ମାନବ ଅଧିକାର ପରିଷଦର ୫୫ତମ ଅଧିବେଶନରେ ପୁଣି ଥରେ କଶ୍ମୀର ପ୍ରସଙ୍ଗ ଉଠାଇଥିବା ପାକିସ୍ତାନକୁ କଡା ଜବାବ ଦେଇଛି ଭାରତ। ଜାତିସଂଘ ମାନବ ଅଧିକାର ପରିଷଦର ପ୍ରଥମ ସଚିବ ଅନୁପମା ସିଂହ ପାକିସ୍ତାନକୁ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ ନ କରିବାକୁ ଚେତାବନୀ ଦେଇଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, 'ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଅବସ୍ଥା ଖୁବ୍ ଖରାପ। ଯେଉଁ ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ହଇରାଣ କରାଯାଉଛି, ଯାହାର ମାନବିକ ଅଧିକାର ରେକର୍ଡ ଅତ୍ୟନ୍ତ ଖରାପ, ସେହି ଦେଶର ଭାରତ ଉପରେ ମନ୍ତବ୍ୟ ଦେବାର ଅଧିକାର ନାହିଁ'। ପାକିସ୍ତାନ ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇବା ପରେ ଅନୁପମା ସିଂହ କହିଥିଲେ, ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ପାକିସ୍ତାନ ପୁଣି ଥରେ ପରିଷଦର ପ୍ଲାଟଫର୍ମ ବ୍ୟବହାର କରି ଭାରତ ସମ୍ବନ୍ଧରେ ମିଥ୍ୟା ଅଭିଯୋଗ ଆଣିଛି। ଜମ୍ମୁ କଶ୍ମୀର ଏବଂ ଲଦାଖର ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳ ହେଉଛି ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜମ୍ମୁ କଶ୍ମୀରର ସାମାଜିକ ତଥା ଅର୍ଥନୈତିକ ବିକାଶ ତଥା ଉନ୍ନତ ପ୍ରଶାସନିକ ବ୍ୟବସ୍ଥା ପାଇଁ ଭାରତ ସରକାର ସାମ୍ବିଧାନିକ ପଦକ୍ଷେପ ନେଇଛନ୍ତି, ଯାହା ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ। ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଉପରେ କଥାବାର୍ତ୍ତା କରିବା ପାଇଁ ପାକିସ୍ତାନର କୌଣସି ଅଧିକାର ନାହିଁ। ପାକିସ୍ତାନ ନିଜର ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର କରୁଛି, ସେ ପ୍ରଥମେ ନିଜକୁ ଦେଖୁ। ଭାରତ ବିରୋଧରେ ମନ୍ତବ୍ୟ ନଦେଇ ନିଜ ଦେଶରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଅବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରୁ ଏବଂ ସେମାନଙ୍କୁ ଅଧିକାର ଦେଉ ବୋଲି ଅନୁପମା କହିଥିଲେ। ସେ ଆହୁରି କହିଥିଲେ, 'ପାକିସ୍ତାନ ସାରା ବିଶ୍ୱରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି। ଯେଉଁ ଦେଶ ସମଗ୍ର ବିଶ୍ୱରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି, ସେହି ଦେଶ ପ୍ରତି ଆମେ ଦୃଷ୍ଟି ଆକର୍ଷଣ କରିପାରିବୁ ନାହିଁ।'

# ୬ ମାସରେ ୨୩୪ ନିର୍ବାଚନ ମଣ୍ଡଳୀ ବୁଲିଲା ବିଜେପି

**ନୂଆଦିଲ୍ଲୀ(ଏଜେନ୍ସି):** ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ତାମିଲନାଡୁରେ ଜୋରଦାର ପ୍ରଚାର କରିଛି। ଭୋଟରଙ୍କୁ ଆକୃଷ୍ଟ କରିବା ସହ ଦକ୍ଷିଣ ଭାରତରେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଦଳ ପୁରାଦମରେ ଲାଗି ପଡ଼ିଛି। ଏଥିପାଇଁ ବିଜେପି ୬ ମାସ ମଧ୍ୟରେ ତାମିଲନାଡୁର ସମସ୍ତ ୨୩୪ ବିଧାନସଭା ଆସନରେ ପଦଯାତ୍ରା କରିଛି। ଇନ ମନ୍ନ ଇନ ମକ୍କାଲ ପଦଯାତ୍ରା ବେଳର କିଛି ଦୃଶ୍ୟକୁ ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନାମଲାଇ ସୋଶାଲ ମିଡିଆ ପ୍ଲାଟଫର୍ମରେ ଶେୟାର କରିଛନ୍ତି। ଏହି ପଦଯାତ୍ରାକୁ ୬ ମାସ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାମେଶ୍ୱରମ ଠାରୁ ଉଦଘାଟନ କରିଥିଲେ। ଏହାପରେ ଗତ ୬ ମାସ ମଧ୍ୟରେ ବିଜେପି ନେତା ଓ କର୍ମୀ ରାଜ୍ୟର ସମସ୍ତ ୨୩୪ ଆସନରେ ବୁଲି ପଦଯାତ୍ରା ଦ୍ୱାରା ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି। ବୁଧବାର ଏହା ଶେଷ ହୋଇଛି। ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ସାମିଲ ହୋଇଥିଲେ। ଆନ୍ନାମଲାଇ ଏହି ପଦଯାତ୍ରାକୁ ତାଙ୍କ ଜୀବନର ସବୁଠାରୁ ବଡ଼ ଅଭିଜ୍ଞତା ଭାବେ ଅବିହିତ କରିଛନ୍ତି। ପଦଯାତ୍ରାର ଶେଷ ଦିନରେ ଏହାର ଗୁରୁତ୍ୱ ଓ କେମିତି ଲୋକମାନେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମର୍ଥନକୁ ଆହୁରି ମଜବୁତ କରିଛନ୍ତି, ସେକଥା ଆନ୍ନାମଲାଇ ସମସ୍ତଙ୍କୁ ଜଣାଇଛନ୍ତି। ସେ କହିଛନ୍ତି, "ବିଶାଳ ଯାତ୍ରା ପରେ ଆମେ ଶେଷ ନିର୍ବାଚନ ମଣ୍ଡଳୀରେ ପହଞ୍ଚି ଯାଇଛୁ। ମୁଁ ବ୍ୟକ୍ତିଗତ ମୋ ଭିତରେ କିଛି ରୂପାନ୍ତରୀକରଣ ଦେଖୁଛି। ଆମ ପ୍ରଧାନମନ୍ତ୍ରୀଙ୍କ ପାଇଁ ରାଜ୍ୟର ବିଭିନ୍ନ କୋଣଅନୁକୋଣରେ ରହିଥିବା ସମର୍ଥନକୁ ଦେଖି ଗର୍ବ ଲାଗୁଛି।" ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଐତିହାସିକ ସଫଳତା ମିଳିବ ବୋଲି ଆନ୍ନାମଲାଇ ବେଶ ଉତ୍ସାହର ସହ କହିଛନ୍ତି। ସେ କହିଛନ୍ତି ଯେ ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଡ଼ ଜନାଦେଶ ମିଳିବାକୁ ଯାଉଛି। ଏକଥା ଯାତ୍ରା ବେଳେ ମଧ ହୃଦୟଙ୍ଗମ ହୋଇଛି।

# ଛିଣ୍ଡିଲା ଆସନ ଅଙ୍କ ! ଉଦ୍ଧବ ୨୧, ୧୫ଟିରେ ଲଢ଼ିବ କଂଗ୍ରେସ

**ମୁମ୍ବାଇ(ଏଜେନ୍ସି):** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଥିପାଇଁ ପ୍ରସ୍ତୁତ ହୋଇଗଲେଣି ସମସ୍ତ ରାଜନୈତିକ ଦଳ। ଆରମ୍ଭ ହୋଇଗଲାଣି ଅଙ୍କକଷା। କାହାକୁ କେତୋଟି ଆସନ ମିଳିବ କିଏ କେଉଁଠୁ ଲଢ଼ିବ ସେ ନେଇ ଚାଲିଛି କସରତ। ଏହାରି ଭିତରେ ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟା ଛିଣ୍ଡିଥିବା ଜଣାପଡିଛି। ସୂଚନା ମୁତାବକ, ଉଦ୍ଧବ ଠାକରେଙ୍କ ଶିବସେନା ୨୧, କଂଗ୍ରେସ ୧୫ ଓ ଏନ୍‌ସିପି ଶରଦ ପାୱାରଙ୍କୁ ୯, ବିବିଏକୁ ୨ ଓ ରାଜୁ ଶେଟ୍ଟୀଙ୍କ ସ୍ୱାଭିମାନୀ ଦଳକୁ ଗୋଟିଏ ସିଟ୍ ଦିଆଯାଇଥିବା ଜଣାପଡିଛି। ସେହିପରି ଶିବସେନା ୟୁବିଟି ମୁମ୍ବାଇର ୬ଟି ସିଟ୍ ମଧ୍ୟରୁ ୪ଟିରେ ପ୍ରତିଦ୍ୱନ୍ଦ୍ୱିତା କରିବ। ବଞ୍ଚିତ ବାହୁଜନ ଆଘାଡିକୁ ଶିବସେନା ୟୁବିଟି ନିଜ କୋଟାରେ ମୁମ୍ବାଇ ଉତ୍ତର ପୂର୍ବ ସିଟ୍ ଦେଇପାରେ। ତେବେ, ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଆସନ ବାଣ୍ଟନର ଏକ



ସମ୍ଭାବ୍ୟ ଫର୍ମୁଲା ଯାହା ଉପରେ ଏମ୍‌ଭିଏର ବରିଷ୍ଠ ନେତାମାନେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ କହିଛନ୍ତି, ମହାବିକାଶ ଅଘାଡି (ଏମଭିଏ) ମେମ୍ବର ସଦସ୍ୟମାନେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ମହାରାଷ୍ଟ୍ରରେ ଆସନ ଭାଗବଣ୍ଟାକୁ ନେଇ ସହମତି ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ଏନେଇ ଘୋଷଣା କରାଯିବ। ମୁମ୍ବାଇରେ କଂଗ୍ରେସ, ଏନ୍‌ସିପି (ଶରଦଚନ୍ଦ୍ର ପାୱାର) ଏବଂ ଶିବସେନା (ୟୁବିଟି) ର ବୈଠକ ପରେ ସେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି। ଗୁରୁବାର ମହାରାଷ୍ଟ୍ରରେ ବିରୋଧୀ ମହା ବିକାଶ ଆଘାଡି ନେତାଙ୍କ ଏକ ବୈଠକ ଶରଦ ପାୱାରଙ୍କ ଘରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହାରାଷ୍ଟ୍ରର ସମସ୍ତ ୪୮ଟି ଲୋକସଭା ଆସନ ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା। କଂଗ୍ରେସ ବ୍ୟତୀତ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପିର ଟପ୍ ନେତାମାନେ ଏହି ବୈଠକରେ ସାମିଲ ହୋଇଥିଲେ।

# ଆଇନ ଅଦାଲତ

## ହାଇକୋର୍ଟରେ ନକଲି ଡାକ୍ତର ମାମଲା: ଓସିଏମ୍ଆର ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

## ଅପରାଧିକ ମାମଲା ସଂକ୍ରାନ୍ତରେ ରଖିବେ ତଥ୍ୟ

**କଟକ(ଏନ୍.ଏମ୍.):** ନକଲି ଡାକ୍ତରଙ୍କ ଯୋଗୁ ରାଜ୍ୟରେ ନିରୀହ ଲୋକ ଯେପରି ହଇରାଣ ନ ହୁଅନ୍ତି, ସେ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବୈ ?ଧ ଡିଗ୍ରି ଅଥବା ପ୍ରମାଣପତ୍ର ନ ଥାଇ ଜଣେ ବ୍ୟକ୍ତି ନିଜକୁ ଡାକ୍ତର ବୋଲି ଦର୍ଶାଇ କାର୍ଯ୍ୟ କରିବା ଏକ ଫୌ ?ଜଦାରୀ ଅପରାଧ। କିନ୍ତୁ ଏଭଳି ଘଟଣାକୁ ନେଇ ମାମଲା ରୁଜୁ ହୋଇଛି କି ନାହିଁ, ସେ ସଂପର୍କରେ ଅବଗତ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ(ଓସିଏମ୍ଆର) ସଭାପତି ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନକଲି ଡାକ୍ତରଙ୍କ ଯୋଗୁଁ ସୃଷ୍ଟି ହେଉଥିବା ବିପଦର କିଭଳି ମୁକାବିଲା କରାଯିବ, ସେ ପ୍ରସଙ୍ଗରେ ଓସିଏମଆର ସଭାପତି ମତ ରଖିବେ ବୋଲି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ



ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଆମିକସ୍ କ୍ୟୁରି ଦର୍ଶାଇଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଅନୁଯାୟୀ ରାଜ୍ୟରେ ସରକାରୀ ତଥା ପଂଜୀକୃତ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ସମସ୍ତ ଏଲୋପାଥିକ ଡାକ୍ତରଙ୍କ ପଞ୍ଜୀକରଣ, ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ସେଥିରେ କେ ?ଣସି ଜାଲ୍ ପ୍ରମାଣପତ୍ର ଘଟଣା ସାମନାକୁ ଆସିନାହିଁ। କିନ୍ତୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିଜକୁ ଡାକ୍ତର ବୋଲାଇ କ୍ୱାକ ଓ କେତେକ ବିନା ଡିଗ୍ରିଧାରୀ ବ୍ୟକ୍ତି ଉଭୟ ଏଲୋପାଥି ଓ ହୋମିଓପାଥି ଚିକିତ୍ସା ଚଳାଇ ଆସୁଛନ୍ତି। ନକଲି ଡାକ୍ତରଙ୍କ ଚିହ୍ନଟ ପାଇଁ ସବୁ ଡାକ୍ତରଙ୍କ ଅନ୍ ଲାଇନ ଡାଟାବେସ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ଅନ୍ ଲାଇନ ଡାଟା ବେସରେ ଉପଲବ୍ଧ ତଥ୍ୟକୁ ସାଧାରଣ ଲୋକ ଦେଖି ଡାକ୍ତରୀ ପେସାରେ ଥିବା ବ୍ୟକ୍ତିଙ୍କ ସତ୍ୟାସତ୍ୟ ଯାଞ୍ଚ କରି ପାରିବେ। ସେହିଭଳି ପୂର୍ବରୁ ନକଲି ଡାକ୍ତରଙ୍କୁ ଚିହ୍ନଟ କରିବାକୁ କଣ କୌ ?ଶଳ ରହିଛି ଓ ରାଜ୍ୟରେ ଏପରି କିଛି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି କି ନାହିଁ ସେ ନେଇ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯଦି ଏଭଳି କିଛି ବ୍ୟବସ୍ଥା ନାହିଁ ତେବେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ନୂଆ କୌ ?ଶଳ ଆରମ୍ଭ କରିବା ପାଇଁ ଚିନ୍ତା କରୁଛନ୍ତି କି ନାହିଁ ସେ ନେଇ ସତ୍ୟପାଠରେ ସ୍ପଷ୍ଟ କରିବାକୁ ହାଇକୋର୍ଟ କହିଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଏହି ପ୍ରସଙ୍ଗରେ କେ ?ଣସି ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ବୋଲି ଆମିକସ୍ କ୍ୟୁରି ଦର୍ଶାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ରୋଗୀ ଚିକିତ୍ସା କରୁଥିବା ଡାକ୍ତରଙ୍କ ମଧ୍ୟରୁ ୫୧ ପ୍ରତିଶତଙ୍କ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥିବା ବିଶ୍ୱବ୍ୟାଙ୍କ ସର୍ଭେ ରିପୋର୍ଟରୁ ଜଣାପଡିଥିଲା। ଫଳରେ ରାଜ୍ୟରେ ଡାକ୍ତରୀ ପେସାରେ ଥିବା ସବୁ ଡାକ୍ତରଙ୍କ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ରହିଛି କି ନାହିଁ ତାହା ଯାଞ୍ଚ କରିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ୨୦୨୨, ଡିସେମ୍ବର ୨୧ରେ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍ କ୍ୟୁରି ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

## ଉପଭୋକ୍ତାଙ୍କୁ ୧୨ ଟଙ୍କା ଫେରାଇଲେନି, ଏବେ ଗଣିବେ ୨.୧୦ ଲକ୍ଷ ଟଙ୍କା

**ସମ୍ବଲପୁର(ଏନ୍.ଏମ୍.):** ଉପଭୋକ୍ତାଙ୍କୁ ୧୨ ଟଙ୍କା ନ ଫେରାଇବା ମହଙ୍ଗା ପଡିଲା। ସେହି ୧୨ ଟଙ୍କା ବଦଳରେ ଉପଭୋକ୍ତାଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଫେରାଇବେ ଗାଡି ପାର୍କିଂ ଠିକାଦାର। ସେଥି ମଧ୍ୟରୁ ୧୦ ହଜାର ଟଙ୍କା ମୋକଦ୍ଦମା ବାବଦ ଖର୍ଚ୍ଚ ଓ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ। କେବଳ ଏତିକି ନୁହେଁ, କନଜ୍ୟୁମର ୱେଲଫେୟାର ଫଣ୍ଡରେ ମଧ ୧ ଲକ୍ଷ ଟଙ୍କା ଜମା କରିବାକୁ ପଡିବ। ତା' ସହିତ ଫେରସ୍ତ କରି ନଥିବା ୧୨ ଟଙ୍କାର ୧୨% ସୁଧ ସହ ଫେରାଇବାକୁ ଗାଡି ପାର୍କିଂ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସମ୍ବଲପୁର ଖାଉଟି ଅଦାଲତ। ଗତ ବର୍ଷ ନଭେମ୍ବର ୧ ତାରିଖରେ ସମ୍ବଲପୁରର ପ୍ରଫୁଲ ଦାସ ନାମକ ବ୍ୟକ୍ତି ସମ୍ବଲପୁର ରେଳ ଷ୍ଟେସନରେ ସ୍କୁଟର ରଖି ଟ୍ରେନରେ ଯାତ୍ରା କରିଥିଲେ। ଷ୍ଟେସନରେ ଥିବା ପାର୍କିଂ ସ୍ଥଳରେ ପାର୍କିଂ ଫି ଗାଡି ବାବଦ ୩୦ ଟଙ୍କା ଦେଇ ରସିଦ ନେଇଥିଲେ। ତେବେ ୧୨ ଘଣ୍ଟା ପାଇଁ ୧୨ଟଙ୍କା ପାର୍କିଂ ଫି ରହିଥିବା ବେଳେ, ସଂପୃକ୍ତ ବ୍ୟକ୍ତି ଜଣକ ୧୨ ଘଣ୍ଟା ପୂର୍ବରୁ ଫେରି ଆସିଥିଲେ। କିନ୍ତୁ ପାର୍କିଂ ଷ୍ଟାଣ୍ଡରେ ଥିବା କର୍ମଚାରୀ ତାଙ୍କୁ ୧୮ ଟଙ୍କା ଫେରାଇବା ବଦଳରେ ମାତ୍ର ୬ ଟଙ୍କା ଫେରାଇ ଥିଲେ। ଉପଭୋକ୍ତାଜଣକ ବାକି ଟଙ୍କା ଫେରସ୍ତ ପାଇଁ କହିବାରୁ ଠିକାଦାରଜଣକ ଆଉ ୧୨ ଟଙ୍କା ଫେରାଇ ନଥିଲେ। ଫଳରେ ସେ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ଖାଉଟି ଅଦାଲତଙ୍କ ନିଷ୍ପତ୍ତି ପ୍ରଫୁଲ ଦାସଙ୍କ ସପକ୍ଷରେ ଯାଇଥିବାରୁ ପ୍ରଫୁଲ ବେଶ୍ ଖୁସି ବ୍ୟକ୍ତି କରିଛନ୍ତି।

## ଫେକ୍ ବିଜ୍ଞାପନ ମାମଲା: ପତଞ୍ଜଳିକୁ ଅବମାନନା ନୋଟିସ୍

**ନୂଆଦିଲ୍ଲୀ(ଏନ୍.ଏମ୍.):** ବଢ଼ିଲା ଯୋଗ ଗୁରୁ ରାମଦେବ ବାବାଙ୍କ ଅଡୁଆ। ଫେକ୍ ତଥା ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ପତଞ୍ଜଳି ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ପତଞ୍ଜଳି ଓ ବାଲକୃଷ୍ଣଙ୍କୁ ଅଦାଲତ ଅବମାନନା ନୋଟିସ ପଠାଇବା ସହ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆପଣ ବିଭ୍ରାନ୍ତିକର ବିଜ୍ଞାପନ କିଭଳି ପ୍ରକାଶ କଲେ ସେ ନେଇ ଅଦାଲତ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ ଏହସାନୁଦ୍ଦିନ ଅମାନୁଉଲ୍ହା ଓ ପ୍ରଶାନ୍ତ କୁମାର ମିଶ୍ରାଙ୍କ ବେଞ୍ଚ ଏହି ମାଲାର ଶୁଣାଣି କରିଛନ୍ତି। ବିଜ୍ଞାପନରେ ପ୍ରକାଶ ପାଇଥିବା ଫଟୋ ଆଧାରରେ ପତଞ୍ଜଳିକୁ ନୋଟିସ୍ ଜାରି କରାଯାଇଛି। ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶକୁ ପତଞ୍ଜଳି ଉଲ୍ଲଘଂନ କରିଛି। ୨୧ ନଭେମ୍ବର ୨୦୨୩ରେ ଦେଇଥିବା ପ୍ରତିଶ୍ରୁତିକୁ ପତଞ୍ଜଳି ରଖିନି ବୋଲି କୋର୍ଟ କହିଛନ୍ତି। ବିପି, ମଧୁମେହ, ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ଆସ୍ଥମା ଓ ସମ୍ପୂର୍ଣ୍ଣ ମୋଟାପଣକୁ ଦୂର କରିବା ପାଇଁ ଆପଣ କିଭଳି ଦାବି କରିପାରୁଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏହା



ଔଷଧ ନିୟାମକ ଆଇନ ଉଲ୍ଲଙ୍ଘନ। ଏଲୋପେଥିକୁ ଏଭଳି ଲୋକଙ୍କ ନଜରରେ ତଳକୁ ଖସାଇବା ବା ବଦ୍‌ନାମ କରାଯାଇପାରିବ ନାହିଁ। ଏଲୋପାଥି ଭଳି ଅନ୍ୟ କୌଣସି ଚିକିତ୍ସା ପଦ୍ଧତିକୁ ଆପଣ ସମାଲୋଚନା କରିପାରିବେ ନାହିଁ। କେନ୍ଦ୍ର ସରକାର ଏହି ମାମଲାରେ ଆକ୍ସନ ନେବା ଉଚିତ, ସେ କିନ୍ତୁ ଆଖି ବନ୍ଦ କରିଦେଇଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଆଗାମୀ ନିର୍ଦ୍ଦେଶ ଯାଏଁ କୌଣସି ପ୍ରକାରର ବି ବିଜ୍ଞାପନ ଠାରୁ ଦୂରେଇ ରହିବାକୁ ବାଲକୃଷ୍ଣ ଓ ପତଞ୍ଜଳିକୁ କୋର୍ଟ ଚେତାବନୀ ଦେଇଛନ୍ତି। କେବଳ ସେତିକି ନୁହେଁ ଚିକିତ୍ସା ପ୍ରଣାଳୀ ବିରୋଧରେ ପ୍ରିଣ୍ଟ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମରେ ବୟାନ ନଦେବାକୁ କୋର୍ଟ କହିଛନ୍ତି। ଏହାପୂର୍ବରୁ ୨୯ ନଭେମ୍ବର ୨୦୨୩ରେ ମଧ ପତଞ୍ଜଳିର ଆୟୁର୍ବେଦ ବିଜ୍ଞାପନ ତଥା ଏହାର ମାଲିକ ବାବା ରାମଦେବଙ୍କ ବିବୃତ୍ତିକୁ ବିରୋଧ କିରି ଭାରତୀୟ ମେଡିକାଲ୍ ଆସୋସିଏସନ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଥିଲେ। ଏହି ସମୟରେ ଜଷ୍ଟିସ ଏହସାନୁଦ୍ଦିନ ଅମାନୁଉଲ୍ହା ଏବଂ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କ ଏକ ବେଞ୍ଚ ପତଞ୍ଜଳିକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ଏଲୋପାଥି ବିରୋଧରେ ବିଜ୍ଞାପନ ପ୍ରକାଶ କରିଥିବା ନେଇ ତାଙ୍କୁ ଉତ୍ସନା କରିଥିଲେ। ଭବିଷ୍ୟତରେ ଏଭଳି ବୟାନ ଓ ବିଜ୍ଞାପନରୁ ଦୂରେଇ ରହିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ସତ୍ତ୍ୱେ ମଧ ପତଞ୍ଜଳି ବିଜ୍ଞାପନ ପ୍ରକାଶିତ କରିଥିଲା।

## ନାବାଳିକା ଦୁଷ୍କର୍ମ ମାମଲା: ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲଦଣ୍ଡ, ୨୦ ହଜାର ଟଙ୍କା ଜରିମାନା

**ଭଦ୍ରକ(ଏନ୍.ଏମ୍.):** ନାବାଳିକା ଯୌନ ନିର୍ଯାତନା ମାମଲାରେ ଭଦ୍ରକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ମିନତୀ ପଣ୍ଡା ଆଜି ଧାମନଗର ଥାନା ଭଗିବିନ୍ଧା ଗ୍ରାମର ଦୁଷ୍କର୍ମକାରୀ ମୋହନ କୁମାର କୁଣ୍ଡୁ(୩୪)କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାଯାଏ ୨୦୨୨ ମସିହା ଜାନୁଆରୀ ମାସ ୧୩ ତାରିଖ ସନ୍ଧ୍ୟା ସମୟରେ ଧାମନଗର ଥାନା ଭଗିବିନ୍ଧା ଗ୍ରାମର ଜନୈକ ନାବାଳିକାକୁ ସେହି ଗ୍ରାମର ମୋହନ କୁଣ୍ଡୁ କୁରକୁରେ ଓ ଚକଲେଟ ଦେଇ ରେବନଦୀ କୂଳକୁ ନେଇ ଦୁଷ୍କର୍ମ କରିଥିଲା। ଏ କଥା କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ବିଳମ୍ବିତ ରାତିରେ ନାବାଳିକା ଜଣଙ୍କ କାନ୍ଦିକାନ୍ଦି ନିଜ ମା' ପାଖରେ ସମସ୍ତ ବିଷୟ କହିଥିଲା। ତା ପରଦିନ ପୀଡ଼ିତାର ମା' ଏ ବିଷୟରେ ଧାମନଗର ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଧାମନଗର ଥାନା ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ସେହିମାସ ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୋହନ ବିଚାରାଧୀନ ବନ୍ଦୀ ଭାବେ ଅଦ୍ୟାବଧି ଜେଲରେ ଥିବା ବେଳେ ଏହି ରାୟ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ବଟକୃଷ୍ଣ ଦାସ ଓ ପ୍ରଦୀପ ମହାପାତ୍ର ମାମଲାର ପରିଚାଳନା କରୁଥିଲେ।

## ନରହତ୍ୟା ମାମଲାରେ ଆସାମୀକୁ ଆଜୀବନ ଦଣ୍ଡାଦେଶ

**କଟକ(ଏନ୍.ଏମ୍.):** ଏକ ନରହତ୍ୟା ମାମଲାରେ କଟକର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଆସାମୀ ବାଙ୍କୀର ମାଳବିହାରପୁରର ନନ୍ଦ ସରା ଓରଫ ରମେଶ ବେହେରା(୩୬)କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତିଫ କୋର୍ଟ ଆଇପିସିର ୩୦୨ ଦଫାରେ ଆସାମୀକୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ତାକୁ ଜୋରିମାନା ବାବଦକୁ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜୋରିମାନା ନଦେଇପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସେହିପରି ମଧ ଭିକ୍ଟିମ୍ କମ୍ପେନ୍‌ସେସନ୍ ଯୋଜନାରେ କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ସୂଚନା ମୁତାବକ ୨୦୧୯ ମଇ ୨୭ ତାରିଖରେ ଘଟଣା ଘଟିଥିବା ବେଳେ ୨୮ତାରିଖ ଦିନ ବାଙ୍କୀ ଥାନାରେ ଏତଲା ରୁଜୁ କରାଯାଇଥିଲା। ଏତଲାକାରୀ ଲୁଲୁ ଖଟୁଆ ୨୮ତାରିଖ ଦିନ ବାଙ୍କୀ ଥାନାରେ ଦେଇଥିବା ଏତଲା ମୁତାବକ ସେ ଓ ତାର ସାଙ୍ଗମାନେ ସଞ୍ଜୟ ବେହେରାଙ୍କ ଛାତ ଉପରେ ଜନ୍ମଦିନ ପାର୍ଟି ପାଳନ କରୁଥିବାବେଳେ ତାର ମାଆର କ୍ରନ୍ଦନ ସହ ବଡ ପାଟି ଶୁଣି ଘଟଣାସ୍ଥଳକୁ ଯାଇଥିଲେ। ତେବେ ସେଠାରେ ଆସାମୀ ତାର ମାଆ (ମାମି ଖଟୁଆ)କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଏତଲାକାରୀ ତଥା ମୃତକଙ୍କ ପୁଅ ବାଙ୍କୀ ଥାନାରେ ଏତଲା ରୁଜୁ କରିଥିଲେ। ପୁଲିସ୍ ଏହି ଘଟଣାରେ ୨୦୧୯ ସେପ୍ଟେମ୍ବର ୨୦ ତାରିଖରେ କୋର୍ଟରେ ଅଭିଯୋଗପର୍ତ୍ର ଦାଖଲ କରିଥିଲା। କଟକର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା।




# ସ୍ମୃତି ଇରାନୀଙ୍କ ମଦିନା ଗସ୍ତ- ପ୍ରଚେଷ୍ଟା ଦ୍ୱାରା ସମାବେଶୀତା

ଏକ ଗୁରୁତ୍ୱପୂର୍ଣ୍ଣ କୁଟନୈତିକ ପଦକ୍ଷେପ ଅର୍ନ୍ତଗତ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ତଥା ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ସ୍ମୃତି ଇରାନୀ, ଏକ ବରିଷ୍ଠ ପ୍ରତିନିଧୀ ଦଳ ସହ ସାଉଦୀ ଆରବର ମଦିନ ସହରକୁ ଏକ ଐତିହାସିକ ଗସ୍ତକରିଥିଲେ, ଯେଉଁଠାରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସହ ମୁସଲିମ୍ ନାଗରିକ ମାନଙ୍କ ବାର୍ଷିକ ହଜ୍ ତୀର୍ଥଯାତ୍ରା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ମଧ ଭାରତ ସରକାରଙ୍କ ଉଦ୍ୟମକୁ ଧର୍ମନିରପେକ୍ଷ ମଧ ଦର୍ଶାଯାଇଥିଲା । ଏହି ଉଲ୍ଲେଖନୀୟ ପ୍ରଚେଷ୍ଟା ଭାରତର ମୂଲ୍ୟବୋଧ ତଥା ସାମ୍ପ୍ରଦାୟିକ ସୌହାଦ୍ୟ ରକ୍ଷା ଦିଗରେ ପ୍ରତିବଦ୍ଧତାର ପରିଚାୟକ ଅଟେ । ହିନ୍ଦୁ ଧର୍ମକୁ ପାଳନ କରୁଥିବା ସ୍ମୃତି ଇରାନୀ ରିୟାଦ୍ ସହର ପରିବର୍ତ୍ତେ ମଦିନ । ସହରକୁ ଗସ୍ତ କରିବାପାଇଁ ପସନ୍ଦ କରିଥିଲେ ଓ ଉକ୍ତ ଗସ୍ତ ସମୟରେ ସେ ଭାରତୀୟ ପାରମ୍ପରିକ ଶାଢୀ ଓ ବିନ୍ଦି ପରିଧାନ କରିଥିଲେ । ଯାହା ସାସ୍କୃତିକ ସହଭାଗିତା, ସହନଶୀଳତା ଏବଂ ଗ୍ରହଣୀୟତାର ଏକ ଶକ୍ତିଶାଳୀ ବାର୍ତାବହନ କରୁଛି । ସେ ମଦିନାର ମର୍କଜିଆ ଅଂଚଳରେ ଅବସ୍ଥିତ ଅଲ୍ ନବନ୍ତି ମସଜିଦର ପରିସୀମା ପରିଦର୍ଶନ କରିଥିଲେ ଏବଂ ପରେ ଉହ୍ମାଦ ପର୍ବତ ଏବଂ କୁବା ମସଜିଦ୍ ପରିଦର୍ଶନ କରିଥିଲେ । ଯେମିତି ପୂର୍ବରୁ ଆଶା କରାଯାଉଥିଲା ସେଠାକାର ଇସଲାମବାଦୀ ମାନେ ଏହାକୁ ଇସଲାମର ବ୍ୟାଖ୍ୟା ସହିତ ଅସଙ୍ଗତ ବୋଲି ବିବେଚନା କରି ଅସନ୍ତୋଷ ପ୍ରକାଶ କରିଥିଲେ ଓ ସ୍ମୃତି ଇରାନୀଙ୍କୁ ମଦିନା ଆସିବା ପାଇଁ ଅନୁମତି ଦେଇଥିବାରୁ ସାଉଦୀ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ । ମହମ୍ମଦବିନ ସଲମାନଙ୍କ ଉପରେ ନିଜର କୋଧକୁ ନିର୍ଦ୍ଦେଶ କରି, ଏହି ଗସ୍ତକୁ ସେମାନଙ୍କ ଧର୍ମ ବିଶ୍ୱାସରୁ ବିଚ୍ୟୁତି ବୋଲି ଅଭିଯୋଗ କରିଥିଲେ । କିନ୍ତୁ ସେମାନେ ଜାଣି ନାହାନ୍ତି ଯେ ଅତୀତରେ ଅଣ ମୁସଲମାନ ମାନଙ୍କୁ ମଦିନାରେ ପରିଦର୍ଶନ କରିବାକୁ ଅନୁମତି ଦିଆଯାଇ ଅଛି । ଏପରିକି ପୈଗମ୍ବର ମହମ୍ମଦ ମଧ ଅଣମୁସଲମାନ ମାନଙ୍କୁ ସ୍ୱାଗତ କରୁଥିଲେ । ଖ୍ରୀଷ୍ଟାବ୍ଦ ୬୩୧ ରେ ୟେମେନରୁ ଆସିଥିବା ଷାଠିଏ ଜଣ ଖ୍ରୀଷ୍ଟିଆନ ପ୍ରତିନିଧୀ ଦଳ ବୋଧହୁଏ ସବୁଠାରୁ ଗୁରତ୍ୱପୂର୍ଣ ପାରସ୍ପରିକ ଧାର୍ମିକ ବୁଝାମଣା ଥିଲା । ପୈଗମ୍ବର ମହମ୍ମଦ ନିଜେ ସେମାନଙ୍କ ରହିବା ପାଇଁ ବ୍ୟବସ୍ଥା କରିଥିଲେ ଓ ଏପରିକି ଅନ୍ୟ ମୁସଲମାନ ମାନଙ୍କୁ ମଧ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ଲକ୍ଷ ଲକ୍ଷ ମୁସଲମାନ ମାନଙ୍କ ପବୀତ୍ର ହଜଯାତ୍ରାର ବ୍ୟବସ୍ଥାକୁ ସରଳ ଏବଂ ସୁନିଶ୍ଚିତ କରିବା ପାଇଁ ସ୍ମୃତି ଇରାନୀ ନିଜେ ସେଠାକୁ ଯାଇ ସାଉଦୀ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବା ଅତ୍ୟନ୍ତ ପ୍ରଶଂସନୀୟ ପଦକ୍ଷେପ ଅଟେ । ସ୍ମୃତି ଇରାନୀଙ୍କ ପ୍ରଚେଷ୍ଟା ଫଳରେ ହଜ୍ ତୀର୍ଥଯାତ୍ରୀ ମାନେ ପୂର୍ବରୁ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟାର ସମାଧାନ କରାଯାଇଛି । ଭାରତୀୟ ମୁସଲମାନମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ଉଚିତ୍, ଯାହା ହଜ୍ ଯାତ୍ରା ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହା ବ୍ୟତୀତ ସ୍ମୃତି ଇରାନୀ ବିଭିନ୍ନ କ୍ଷେତ୍ର ଯେପରିକି ବାଣିଜ୍ୟ ପୁଞ୍ଜି ବିନିଯୋଗ ଏବଂ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ସାଉଦୀ ଅଧୀକାରୀଙ୍କ ସହ ଆଲୋଚନା କରିଥିଲେ । ଧାର୍ମିକ ପ୍ରସଙ୍ଗ ସହ ଏହି ଭ୍ରମଣ ଭାରତ ଏବଂ ସାଉଦୀ ଆରବ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ କରିବାର ଉଦ୍ଦେଶ୍ୟ ରହିଥିଲା । ଆଗରୁ ଦୁଇଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ୍ କରିବା ପାଇଁ ଏହି ଗସ୍ତ ଅର୍ଥନୈତିକ, ରଣନୈତିକ ଏବଂ ସାଂସ୍କୃତିକ ସହଯୋଗକୁ ଦୃଢ କରିବାରେ ସାହଯ୍ୟ କରିଛି । ହଜ୍ ସମୟରେ ଭାରତୀୟ ମାନଙ୍କୁ ମିଳୁଥିବା ଆତିଥ୍ୟ ଏବଂ ସେଠାରେ ରହୁଥିବା ଭାରତୀୟ ମାନଙ୍କ ପାଇଁ ଏହି ଗସ୍ତ କୃତଜ୍ଞତା ପ୍ରକାଶ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଛି । ତୀର୍ଥଯାତ୍ରାର ତଦାରଖ, ତଥା ସମସ୍ତ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁସ୍ଥତା ଏବଂ ଆଧାତ୍ମିକ ଉପଲବ୍ଧକୁ ସୁନିଶ୍ଚିତ କରିବା ପାଇଁ ଏହି ସହଭାଗୀ ପ୍ରଚେଷ୍ଟା ମହତ୍ୱ ପ୍ରଦାନ କରୁଛି ।

**- ଅଦନାନ୍ କ୍ୟୁମାର**

**(ଲେଖକ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା, ବକ୍ତା, ନିର୍ବାଚନ ରଣନୀତିକାର ତଥା ପସମନ୍ଦା ମୁସଲିମ ମାନଙ୍କ ଉତ୍ଥାନ ପାଇଁ କାର୍ଯ୍ୟକରନ୍ତି ।**

(Twitter: @TheAdnanQamar)

# ଓଡ଼ିଶାର ପଶ୍ଚିମାଞ୍ଚଳ ହେବ କାହାର ?

**ଜାନକୀଶ ବଡ଼ପଣ୍ଡା**

ଓଡ଼ିଶାରେ ଏବେ ନିର୍ବାଚନୀ ତାତି ଦେଖିବାକୁ ମିଳୁଛି । କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରଠାରୁ ସାଧାରଣ ନିର୍ବାଚନ ପାଇଁ ପ୍ରଚାରର ଶ୍ରୀଗଣେଶ କରି ସାରିଛନ୍ତି । ପରେ ପରେ କଂଗ୍ରେସ ଦଳ ପକ୍ଷରୁ ରାହୁଲ ଗାନ୍ଧୀ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ପଶ୍ଚିମ ଓଡ଼ିଶାରେ ନିଜ ଦଳ ସପକ୍ଷରେ ପ୍ରଚାର ଆରମ୍ଭ କରି ସାରିଛନ୍ତି । ଓଡ଼ିଶାରେ ବିଗତ ୨୪ ବର୍ଷ ଧରି କ୍ଷମତାସୀନ ବିଜୁ ଜନତା ଦଳ ଅବିରତ ଭାବେ ନିର୍ବାଚନ ମନସ୍କ ହୋଇ ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଛି । ଯଦିଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାରକୁ ଆସିନାହାନ୍ତି, କିନ୍ତୁ ତାଙ୍କର ନିର୍ଦ୍ଦେଶରେ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ବାଚନ ପ୍ରଚାର ହିଁ ଚାଲିଛି ବୋଲି କୁହାଯାଇପାରିବ । ବିଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ବିଧାନସଭାର ୧୪୭ ଆସନରୁ ୧୧୨ଟି ହାତେଇ ନେଇ ଲଗାତାର ପଞ୍ଚମ ଥର ପାଇଁ ଶାସନ କ୍ଷମତା-ସିଂହାସନ ଦଖଲ କରିଥିଲା । ସେତେବେଳେ ଭାରତୀୟ ଜନତା ପାର୍ଟି ବା ଭାଜପା ୨୩ଟି ଓ କଂଗ୍ରେସ ମାତ୍ର ୯ଟି ଆସନରେ ସନ୍ତୁଷ୍ଟ ହେବାକୁ ବାଧ ହୋଇଥିଲେ । ଆଶ୍ଚର୍ଯ୍ୟଜନକ ଭାବେ, ଓଡ଼ିଶାର ମତଦାତା କିନ୍ତୁ ସଂସଦୀୟ କ୍ଷେତ୍ର ପାଇଁ ଭାଜପାକୁ ୮ଟି ଆସନ, କଂଗ୍ରେସକୁ ମାତ୍ର ଗୋଟିଏ ଆସନ ଓ ବିଜେଡିକୁ ୧୨ଟି ଆସନ ଦେଇଥିଲେ । ୨୦୧୪ ନିର୍ବାଚନରେ ୨୦ଟି ଆସନ ପାଇଥିବା ବିଜେଡି ଆଠଟି ଆସନ ହରାଇଥିଲା । ଅଧିକ ଆଶ୍ଚର୍ଯ୍ୟଜନକ ଭାବେ ୨୦୧୯ ସଂସଦୀୟ ନିର୍ବାଚନରେ କଂଗ୍ରେସ ଦଳ ମାତ୍ର ଗୋଟିଏ ଆସନ ହାତେଇ ପାରିଥିଲା । ୨୦୧୯ ସଂସଦୀୟ ନିର୍ବାଚନରେ ଭାଜପା ମୁଣ୍ଡିକୁ ଯେଉଁ ଆଠଟି ଆସନ ଆସିଥିଲା ତହିଁରୁ ପାଞ୍ଚଟି ଥିଲା ଓଡ଼ିଶାର ପଶ୍ଚିମାଞ୍ଚଳରୁ । ମା' ସମଲେଶ୍ୱରୀଙ୍କ ପୀଠ ସମ୍ବଲପୁର ଅଞ୍ଚଳ ଭାଜପାର ଗେରୁଆ ରଙ୍ଗରେ ରଙ୍ଗୀନ ହୋଇ ଉଠିଥିଲା । ଗେରୁଆ ରଙ୍ଗକୁ ଲିଭାଇ ସବୁଜ ରଙ୍ଗରେ ପରିଣତ କରିବା ପାଇଁ ବିଜେଡି ଯେତେସବୁ କାର୍ଯ୍ୟକ୍ରମ ହାତକୁ ନେଲା ତାହାର ଅନ୍ୟତମ ଉତ୍ତୁଙ୍ଗ ଉଦାହରଣ ଥିଲା ଗତ ଫେବୃଆରୀ ୨୭ ତାରିଖରେ ଲୋକାର୍ପିତ ମା ସମଲେଶ୍ୱରୀ ପ୍ରକଳ୍ପ । ବିଜେଡିର ସଘନ କାର୍ଯ୍ୟପ୍ରଣାଳୀ କାରଣରୁ ୨୦୧୯ ପରେ ଅନୁଷ୍ଠିତ ସମସ୍ତ ଉପନିର୍ବାଚନ, ପଞ୍ଚାୟତ ଓ ସହରାଞ୍ଚଳ ନିର୍ବାଚନରେ ଭାଜପା ନୈରାଶ୍ୟଜନକ ପ୍ରଦର୍ଶନ କରିଚାଲିଲା ଓ ବିଜେଡି ନିଜକୁ ସୁଦୃଢ଼ କରୁଥିଲା ଓଡ଼ିଶାର ପଶ୍ଚିମାଞ୍ଚଳରେ । ଅଧିକ କ୍ଷତିକୁ ରୋକିବା ପାଇଁ ଓ ନିଜର ପାଦ ତଳର ମାଟିକୁ ଦୃଢ଼ଭାବେ ବାନ୍ଧି ରଖିବା ପାଇଁ ଭାଜପା ପକ୍ଷରୁ ସମ୍ଭବତଃ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସାଧାରଣ ସଭା ସମ୍ବଲପୁରରେ କରାଗଲା । ଓଡ଼ିଶାରେ ଭାଜପା ନିଜର କାୟାବୃଦ୍ଧି ପାଇଁ ସାଙ୍ଗଠନିକ ଶକ୍ତିକୁ ସୁଦୃଢ଼ କରିବାରେ ଲାଗିଛି । ଉଦ୍ଦେଶ୍ୟ ରହିଛି ୨୦୨୪ ସାଧାରଣ ନିର୍ବାଚନରେ ନିଜ ସପକ୍ଷରେ ମତହାର ବୃଦ୍ଧି, ଦଳର ବିଜୟ ଓ କେନ୍ଦ୍ରରେ ତୃତୀୟ ଥର କ୍ଷମତା ଦଖଲ । ଏଥି ପାଇଁ ଭାଜପା ନିର୍ବାଚନ ଖସଡ଼ା ପ୍ରସ୍ତୁତ କରିଛି, ଯାହା ମଧ୍ୟରେ ଅଛି ସାଙ୍ଗଠନିକ ପଦ ପଦବୀରେ ପରିବର୍ତ୍ତନ ସହିତ ବିଜେଡି ସହ ମୁହାଁମୁହିଁ ଲଢ଼େଇ କରିବା ପାଇଁ ବିଭିନ୍ନ କୌଶଳ ଓ କାର୍ଯ୍ୟକ୍ରମ । ଗତଥର ଭଳି 'ନିଶ୍ଚିତ-ବିଜୟ' ଭାବିନେଇ ଆତ୍ମସନ୍ତୋଷ ଭରା ନିଷ୍କ୍ରିୟତା ନୁହେଁ, ଏଥର ପ୍ରତ୍ୟେକ ବୁଥରେ ମୁହାଁମୁହିଁ ଲଢ଼େଇ କରିବାକୁ ଭାଜପାର ତୃଣମୂଳ କର୍ମୀ ଓ ନେତାଏ ପ୍ରସ୍ତୁତ ବୋଲି ଦଳର କୃଷକ ମୋର୍ଚ୍ଚାର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି । ଭାଜପାର ଛାମୁଆ ସଙ୍ଗଠନର କର୍ମୀମାନେ ଏଥର ଉତ୍ସାହିତ ଥିବାର ଜଣାଯାଉଥିଲା ବେଳେ ରାଜ୍ୟବାସୀ ବିଜେଡ଼ିକୁ ଭାଜପାର ପରମ ବନ୍ଧୁ ଭାବେ ଦେଖୁଛନ୍ତି । ଏହାର ଅନେକ କାରଣ ଭିତରେ ଭାଜପାର ରାଜ୍ୟସଭା ପ୍ରାର୍ଥୀଙ୍କୁ ବିଜେଡିର ସମର୍ଥନ, ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସଂସଦରେ ସମର୍ଥନ, ଏପରିକି ବିବାଦୀୟ ତିନ ତଲାକ ଓ କଶ୍ମୀରରେ ୩୭୦ ଧାରା ଉଚ୍ଛେଦ ଅଧିନିୟମକୁ ଆଖିବୁଜା ସମର୍ଥନ ଭଳି ପ୍ରସଙ୍ଗ ଅନ୍ୟତମ । ଏଥର କିନ୍ତୁ, କୁଆଡ଼େ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଉ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ନୁହେଁ; ୨୦୨୪ ସାଧାରଣ ନିର୍ବାଚନ ବେଳେ ଭାଜପା ଧନ, ଜନ, କୌଶଳ ଓ ସମର୍ଥ ସାଙ୍ଗଠନିକ ବଳ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରି ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜୟଲାଭ କରିବାକୁ ସଂଖ୍ୟାଗରିଷ୍ଠ ଜନମତ ସୃଷ୍ଟି କରିବ । ଦଳର ତୃଣମୂଳ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରି ଦଳ ସପକ୍ଷରେ ଜନମତ ବଢ଼ାଇବାକୁ ଆଗାମୀ ଦିନରେ ଭାଜପାର ତୁଙ୍ଗ ନେତୃତ୍ୱ ଯଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରୀୟ ସଭାପତି ଜେ. ପି. ନଡ୍ଡା ତଥା ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରଚାର କରିବାକୁ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ଏଥର ଭାଜପା ନିଜର ବିକାଶମୂଳକ ଯୋଜନାର ହିତାଧିକାରୀ ଓ ମହିଳାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଏହି ହିତାଧିକାରୀମାନେ ଉତ୍ତର ପ୍ରଦେଶ, ମଧ ପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କେବଳ ମୋଦି ଗ୍ୟାରେଣ୍ଟି, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଓ ସେଗୁଡ଼ିକର ଉପଯୁକ୍ତ ରୂପାୟନ କାରଣରୁ ଭାଜପାକୁ କ୍ଷମତା ସିଂହାସନରେ ବସାଇଥିଲେ । ସେହିଭଳି ଓଡ଼ିଶାବାସୀ ମଧ କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ଶ୍ରେୟ ଦେବେ ବୋଲି ଆଶା ବାନ୍ଧିଛି ଭାଜପା । ବୋଧହୁଏ, ସେଥିପାଇଁ ପ୍ରଧାନମନ୍ତ୍ରୀ ସମ୍ବଲପୁର ଜନସଭା ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ଶାସନରେ ଥିବା ବିଜେଡି ସରକାର କିନ୍ତୁ ଅଭ୍ୟାସଗତ ଭାବେ ସମସ୍ତ କେନ୍ଦ୍ରୀୟ ଯୋଜନାର ଶ୍ରେୟ ହରଣଚାଳ କରି ନେବାକୁ ତୟାର । ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଚାଉଳ ଯୋଗାଇ ଦେଉଥିଲେ ବି ରାଜ୍ୟ ସରକାର ଚତୁରତା ସହ ଏହି ଚାଉଳର ମୂଲ୍ୟ ଉପରେ କେଜି ପ୍ରତି ଦୁଇଟଙ୍କା ରିହାତି ଦେଇ ମାତ୍ର ଏକ ଟଙ୍କାରେ ସାଧାରଣ ବର୍ଣ୍ଟନ କେନ୍ଦ୍ର ମାଧ୍ୟମରେ ଚାଉଳ ଯୋଗାଇ ଦେଉ ଥିଲେ । ତାହାକୁ ରାଜ୍ୟ ସରକାରଙ୍କ ଯୋଜନା ଭାବେ ପ୍ରଚାରିତ କରୁଥିଲେ । କେନ୍ଦ୍ର ସରକାର କେଜି ପ୍ରତି ୩୭ ଟଙ୍କା ରିହାତି ଦେଇ ଆସୁଥିଲେ ବି ହିତାଧିକାରୀଙ୍କ ମନ ଭିତରେ ବସାବାନ୍ଧି ଯାଇଥିଲା ଯେ ନବୀନ ସରକାର ଟଙ୍କିକିଆ ଚାଉଳ ଦେଉଛନ୍ତି । ଏହିଭଳି ଭ୍ରମାତ୍ମକ ବିଶ୍ୱାସ ବିଜେଡି ସପକ୍ଷରେ ଅତୁଟ ଜନସମର୍ଥନର ବହୁତ ବଡ଼ କାରଣ । ଏବେ କେନ୍ଦ୍ର ସରକାର ସମୁଦାୟ ମୂଲ୍ୟକୁ ରିହାତି ଭାବେ ଦେଉଥିବାରୁ ଲୋକମାନେ ବାସ୍ତବ କଥା ବୁଝି ପାରିବାକୁ ସକ୍ଷମ ହେଲେ ହେଁ ଅଳ୍ପ କିଛି ହିତାଧିକାରୀଙ୍କୁ ରାଜ୍ୟ ସରକାର ସାଧାରଣ ବର୍ଣ୍ଟନ କେନ୍ଦ୍ର ମାଧ୍ୟମରେ ମାଗଣାରେ ଚାଉଳ ଯୋଗାଇ ଦେଇ ଖାଦ୍ୟ ସୁରକ୍ଷାର ଶ୍ରେୟ ହରଣଚାଳ କରିବାକୁ ଏବେବି ଉଦ୍ୟମରତ । ଖାଦ୍ୟ ସୁରକ୍ଷା ଯୋଜନାକୁ ହାତେଇବା ଭଳି ମହିଳା ସଶକ୍ତିକରଣ ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ପଛୁଆ ଶ୍ରେଣୀର ମହିଳାଙ୍କ ବିକାଶ ପାଇଁ ପ୍ରଣୀତ ଯୋଜନା ସବୁକୁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଦେବା ସତ୍ତ୍ୱେ ସେସବୁକୁ ଓଡ଼ିଶା ସରକାର ନିଜର ବୋଲି ଡିଣ୍ଡିମ ପିଟୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ମଧ ଓଡ଼ିଶାର ବିଜେଡି ସରକାର ହାତେଇ ନେଇଥିବାର ଭାଜପା ଅଭିଯୋଗ କରୁଛି । ପକ୍ଷାନ୍ତରେ, ସାଙ୍ଗଠନିକ ଦୃଷ୍ଟିରୁ ପ୍ରଥମ ପଦକ୍ଷେପ ସ୍ୱରୂପ ସାରା ଦେଶରେ ପ୍ରତ୍ୟେକ ବୁଥ୍ ମଜଭୁତ କରାଯାଇଛି, ସାଙ୍ଗଠନିକ କାର୍ଯ୍ୟକର୍ତ୍ତାମାନେ ନିଜ ବ୍ଲକ ଓ ଜିଲ୍ଲାରେ ପ୍ରତ୍ୟକ୍ଷ କରୁଥିବା ଅସୁବିଧା ଓ ସମସ୍ୟାଗୁଡ଼ିକୁ ରାଜ୍ୟ ନେତୃତ୍ୱଙ୍କ ଦୃଷ୍ଟିକୁ ଆଣି ସେସବୁର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି । ଉଦ୍ଦେଶ୍ୟ ରହିଛି ଯେ, ସଙ୍ଗଠନ ସୁଦୃଢ଼ ରହୁ । ଏଥିପାଇଁ ପ୍ରତ୍ୟେକ ବିଧାନସଭା ଓ ସଂସଦୀୟ କ୍ଷେତ୍ରପାଇଁ ୨୦ ଜଣିଆ ନେତୃମଣ୍ଡଳୀ ଗଢ଼ା ଯାଇଛି, ଯାହାର ସଭ୍ୟ ଅଛନ୍ତି ଦଳର ଜିଲ୍ଲା ସଭାପତି, ପୂର୍ବଥରର ପ୍ରାର୍ଥୀ ଓ ବ୍ଲକ-ଜିଲ୍ଲା-ରାଜ୍ୟସ୍ତରୀୟ ନିର୍ବାଚିତ ନେତା । ଏହି ନେତୃମଣ୍ଡଳୀ ପ୍ରତ୍ୟେକ ମାସରେ ବୈଠକ କରି ରାଜ୍ୟର ବିଭିନ୍ନ ଅଞ୍ଚଳ ପାଇଁ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ତଥ୍ୟ ପ୍ରଦାନ କରିବେ । ଭାଜପାର ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କୁ ୨୦୨୨ ଅଗଷ୍ଟ ମାସରେ ନିଯୁକ୍ତି ମିଳିବା ପରେ ରାଜନୀତିରେ ରଚି ରଖୁଥିବା ମହଲ ଅନୁମାନ କରୁଥିଲେ ଯେ, ୨୦୦୦ ମସିହାରୁ କ୍ଷମତା ଗାଦୀରେ ଚକାମାଡ଼ି ବସିଥିବା ଓ ଅଚଳ ମହାମେରୁ ପାଲଟିଥିବା ବିଜେଡ଼ିକୁ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାରେ ଗାଦିଚ୍ୟୁତ କରିବାକୁ ଭାଜପା ଏଥର ଗମ୍ଭୀରତା ସହ ଉଦ୍ୟମ କରୁଛି । ବଂଶଲ ମଧ ପ୍ରଥମ ଛଅ ମାସ କାଳ ସମଗ୍ର ରାଜ୍ୟ ଗସ୍ତ କରି ଏଥର ଆରପାରର ଲଢ଼େଇ ହେବ ବୋଲି ଧାରଣା ସୃଷ୍ଟି କରିଥିଲେ । ଅତୀତରେ ଭାଜପାର ଦ୍ୱିତୀୟ-ଚାଣକ୍ୟ କୁହାଯାଉଥିବା ଯୁବନେତା ବଂଶଲ କିନ୍ତୁ ଓଡ଼ିଶାରେ ଭାଜପାର ସଙ୍ଗଠନ ଉପରେ ଖୁସି ହୋଇପାରି ନଥିଲେ ବୋଲି ଗୋପନୀୟ ସୂତ୍ରରୁ ଜଣାଯାଏ । ବୁଥ୍ ଓ ବ୍ଲକ ସ୍ତରରେ କର୍ମକର୍ତ୍ତାମାନେ କେବଳ କାଗଜପତ୍ରରେ ଦର୍ଶାଯାଉ ଥିଲେ ବି ଅନେକ କର୍ମକର୍ତ୍ତା ତ କେବେଠୁ ଭାଜପା ଦଳର ସଦସ୍ୟତା ଛାଡ଼ି ଦେଇଥିଲେ ଓ ଆଉ କିଛି ଥିଲେ ନିଷ୍କ୍ରିୟ । ୨୦୧୯ ସାଧାରଣ ନିର୍ବାଚନରେ ଯେତେବେଳେ ଭାଜପା ମାତ୍ର ୮ ଜଣ ସାଂସଦ ଓ ୨୩ ଜଣ ବିଧାୟକଙ୍କୁ ଜିତାଇବାକୁ ସକ୍ଷମ ହେଲା ସେତେବେଳେ ଭାଜପାର ନେତାମାନେ ବିଜେଡି ଉପରେ ନିଜକୁ ସୁହାଇବା ପରି ଦୁର୍ବଳ ଦୋଷାରୋପ କଲେ । କହିଲେ ଯେ, ବିଜେଡି ସହିତ ଭାଜପା ଏକ ପ୍ରକାର ବୁଝାମଣା କରିଥିଲା ବୋଲି ବିଜେଡି ପ୍ରଚାର କରିବା ଫଳରେ ଭୋଟରମାନେ ଭାଜପା ପ୍ରାର୍ଥୀଙ୍କୁ କୁଣ୍ଠିତ ସମର୍ଥନ ଦେଲେ ଓ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କଲା । ଓଡ଼ିଶାରେ ଦୁଇଟି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ - ଭାଜପା ଓ ବିଜେଡି । ଓଡ଼ିଶାରେ ଆସନ୍ତା ଏପ୍ରିଲ-ମେ ମାସରେ ଉଭୟ ଲୋକସଭା ଓ ରାଜ୍ୟସଭା ପାଇଁ ଏକ ସମୟରେ ନିର୍ବାଚନ ହେବାକୁ ଥିବାରୁ ଦୁଇଟି ଯାକ ଦଳ ଓଡ଼ିଶାର ପଶ୍ଚିମାଞ୍ଚଳରେ ସର୍ବାଧିକ ଲାଭ ଉଠାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରୁଥିବାର ଲକ୍ଷ୍ୟ କରାଯାଉଛି । ପଶ୍ଚିମାଞ୍ଚଳରେ ୩୫ଟି ବିଧାନସଭା ଆସନ ଓ ୫ଟି ଲୋକସଭା ଆସନ ରହିଛି । ଜାନୁଆରୀ ୨୨ ତାରିଖରେ ଶ୍ରୀରାମ ଜନ୍ମଭୂମି ଅଯୋଧାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାକୁ ନେଇ ସୃଷ୍ଟ ଭାବାବେଗ ତଥା ପ୍ରଧାନମନ୍ତ୍ରୀଙ୍କ ଭୋଟ ଆହରଣ କରିବାର ବର୍ଦ୍ଧିତ ସାମର୍ଥ୍ୟ ଉପରେ ଭାଜପା ଗଭୀର ଆଶାବାଦୀ । ଭାଜପା ବିଶ୍ୱାସ କରୁଛି ଯେ ପୂର୍ବାପେକ୍ଷା ଦଳ ଉନ୍ନତ ପ୍ରଦର୍ଶନ କରିପାରିବ । ଓଡ଼ିଶା ପାଇଁ ୨୦୨୪ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରିବାର ବଡ଼ କାରଣ ହେଲା ଯେ, ଉଭୟ ଭାଜପା ଓ ବିଜେଡି ନିର୍ବାଚନରେ ବିଜୟଲାଭ କରିବାକୁ ଗମ୍ଭୀର ଭାବେ ଉଦ୍ୟମ କରୁଛନ୍ତି । ଏଥର ବିଜେଡି ଜିଣିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଗାତାର ଷଷ୍ଠ ଥର ବିଜୟ ଲାଭକରି ନୂଆ ଇତିହାସ ସୃଷ୍ଟି କରିବେ । ଏହା ଦେଶର ଯେ କୌଣସି ଆଞ୍ଚଳିକ ଦଳ ପାଇଁ ଏକ ନୂଆ ଉପଲବ୍ଧି ଓ ନବୀନ ବାବୁ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ପଦବୀରେ ରହିବାର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି, ନୂଆ ଇତିହାସ ସୃଷ୍ଟି କରିପାରିବେ । ସେଥିପାଇଁ ବିଜେଡି ମଧ ନିଜର ସାଙ୍ଗଠନିକ ପଦପଦବୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ଅବସ୍ଥାପିତ କରିଛି । ବିଶେଷ ଭାବେ ପଶ୍ଚିମ ଓଡ଼ିଶାର ଜିଲ୍ଲା ଦାୟିତ୍ୱରେ ରହି ଏମାନେ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିସାରିଲେଣି । ଏସବୁ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ଦଳର ସାଙ୍ଗଠନିକ ପରିବର୍ତ୍ତନ, ରାଜ୍ୟ ସରକାର ପ୍ରଣୟନ କରୁଥିବା ନୂଆ ନୂଆ ଯୋଜନାର ସୁଫଳ କିଭଳି ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେ ସବୁର କାର୍ଯ୍ୟାନ୍ୱୟନ । ଏସବୁ ଅତ୍ୟନ୍ତ ନିଷ୍ଠାପର ଭାବେ କରାଯାଉଛି, ଯେପରି ନିର୍ବାଚନ ପୂର୍ବରୁ ଭୋଟରମାନେ ବିଜେଡି ସହ ଯୋଡ଼ି ହୋଇ ରହିବେ, ଭାଜପା ଆଡ଼କୁ ଢଳିବେ ନାହିଁ । ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିଥିଲେ ବି ନିଜର ବିଫଳତାକୁ ଘୋଡ଼ାଇବା ପାଇଁ ଗତ କିଛି ବର୍ଷରେ ସୁକତେଲ ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଭୂତଳ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରଚେଷ୍ଟା କରୁଛି । ମା' ସମଲେଇ ପ୍ରକଳ୍ପରେ ୨୦୦ କୋଟି ଟଙ୍କା ବ୍ୟୟ କରାଯାଇ ଲୋକାର୍ପଣ କରାଯାଇଛି । ଭିମସାରର ଉନ୍ନତିକରଣ ତଥା ସମ୍ବଲପୁର-ହୀରାକୁଦ-ବୁର୍ଲାରେ ଷ୍ଟାଡିୟମ କରିବାର ଯୋଜନା ଚାଲିଛି । ନୂଆ-ଓ ମାଧ୍ୟମରେ ଯୁବବର୍ଗଙ୍କୁ ଖୁସି ବାଣ୍ଟିଛି ବିଜେଡି । ୨୦୧୭ ପଞ୍ଚାୟତିରାଜ ନିର୍ବାଚନରେ ଭାଜପା ପଶ୍ଚିମାଞ୍ଚଳର ଆଠଟି ଜିଲ୍ଲାର ୨୧୨ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୧୬୯ଟି ଆସନରେ ବିପୁଳ ବିଜୟ ଲାଭ କରିଥିଲା । ସେହିପରି ମୟୂରଭଞ୍ଜ ଓ ମାଲକାନଗିରିରେ ବି ସୁଫଳ ପାଇଥିଲା । ବିଜେଡିକୁ ମାତ୍ର ୩୩ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା । କଠୋର ପରିଶ୍ରମ ଓ ଅନେକ ଲୋକପ୍ରିୟ ଯୋଜନା ପ୍ରଣୟନ କରି ଭୋଟ ବ୍ୟାଙ୍କକୁ ନିଜ ସପକ୍ଷରେ ବିଜେଡି ନେଇଗଲା ୨୦୨୨ ପଞ୍ଚାୟତ ଓ ୨୦୨୩ରେ ଅନୁଷ୍ଠିତ ସହରାଞ୍ଚଳ ନିର୍ବାଚନରେ । ୨୦୨୪ ସଂସଦୀୟ ନିର୍ବାଚନରେ ଓଡ଼ିଶାର ମତଦାତା ବିଜେପି ସପକ୍ଷରେ କୁଣ୍ଠିତ ମତଦାନ କରିଥିଲେ ଓ ବିଧାନସଭା ଆସନ ପାଇଁ ବିଜେଡି ସପକ୍ଷରେ ହାତଖୋଲା ସମର୍ଥନ ଦେଇଥିଲେ । ଏହାକୁ ମତଦାତାଙ୍କ ବୁଦ୍ଧିମତ୍ତା କୁହାଯାଇଥିଲା । କିଛି ଦିନ ତଳେ କିଛି ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ଓଡ଼ିଶା ସମେତ ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ବଢୁଥିବାର ଖବର ଆସିଛି । ଓଡ଼ିଶାରେ ନବୀନଙ୍କ ଲୋକପ୍ରିୟତା ପୂର୍ବାପେକ୍ଷା କମିଥିବାର ଜଣାଯାଇଛି । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ସହିତ କଂଗ୍ରେସ ଦଳରେ ତତ୍ପରତା ପ୍ରକାଶ ପାଉଛି । ଓଡ଼ିଶାର ଜନମାନସରେ ବିଜେପି-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଏକ ଧାରଣା ଆଜି ବି ବଳବତ୍ତର ରହିଥିବାର ଲକ୍ଷ୍ୟ କରାଯାଉଛି । ବିଜେଡି ପ୍ରତି ବୀତସ୍ପୃହ ମତଦାତା ଯେ ଏଥର ପ୍ରତିକ୍ରିୟାଶୀଳ ହୋଇ କଂଗ୍ରେସ ସପକ୍ଷରେ ନିଜର ଭୋଟ ଦେବେ ନାହିଁ ତାହା ଏବେଠୁ କହିବା କଷ୍ଟ । ଆଗକୁ ଜଣାଯିବ, ରାଜନୈତିକ ଦଳର କର୍ମୀ ଓ ନେତାମାନେ କେତେ ପରିବାର ଓ ଓଡ଼ିଶାର ମତଦାତା କେତେ ସଚେତନ ।

ଫୋ- ୯୪୩୮୨୯୯୦୩୭

**ସୌଜନ୍ୟ : ସୋସିଆଲ ମିଡ଼ିଆ**

## କବିତା ଗୁଚ୍ଛ

### ହସ ଖୁସିର ସଂସାର

ଯୌଥ ପରିବାର ଆଗରୁତ ଥିଲା
ଏକତା ବଜାୟ ଥିଲା
ଆଠ ଦଶ ଶିଶୁ ପରିବାର ମଧ୍ୟେ
ସର୍ବଦା କରନ୍ତି ଲୀଳା ।
ନିଜନିଜ କଉଳିକ ବୃତ୍ତି ନେଇ
ସେ ସଂସାର ଚାଲୁଥିଲା
ଆନନ୍ଦ ଲହରି ସେଠି ଖେଳୁଥିଲା
କିଛି ଚିନ୍ତା ତ ନଥିଲା ।
ଆୟ ନିମିତ୍ତ ତ ପାଠ ପଢା ସେଠି
କେବେ ବି ହେଉନଥିଲା
ଆତ୍ମାର ଉଦ୍ଧାର ପାଇଁ ଭାଗବତ
ଗୀତା ଆଦି ପାଠ୍ୟ ଥିଲା ।
ପାଞ୍ଚ ବର୍ଷ ପରିଜନ୍ତେ ପିଲାଙ୍କର
ବାଲ୍ୟ ଲୀଳା ଖେଳା ଥିଲା
ତାହାପରେ ବିଦ୍ୟାଳୟ ଶିକ୍ଷା ପାଇଁ
ପିଲା ଗମନ କରିଲା ।
ଏବେ କିନ୍ତୁ ଆୟ ପାଇଁ ପାଠ ପଢା
ଘର ଦ୍ୱାର ଛାଡି ପିଲା
ଆୟ ପାଇଁ ବାହାରକୁ ଚାଲିଗଲେ
ଅର୍ଥ ହିଁ ସର୍ବସ୍ୱ ହେଲା ।

ମାଗଣା ଚାଉଳ ଖାଇ ଚାଷୀ ପୁଅ
ହସି ହସି ଖେଳେ ପଶା
କୋଟାରେ ଭେଷଜ ଚିକିତ୍ସା କରନ୍ତି
ଅତି ପରିମାଣେ ନିଶା ।
ବାପମାଆ ଛୁଆ ହସିହସି କରି
କଟାଇ ଦିଅନ୍ତି କାଳ
ବୁଢାବୁଢୀ ସବୁ ବୃଦ୍ଧାଶ୍ରମେ ରହି
ଆନନ୍ଦେ କାଟନ୍ତି ବେଳ ।
ଏ ଭାରତ ବାସି ଅତିବ ସାହସୀ
ହସ ଖୁସିରେ ସଂସାର
ଚଳାଇ ନିଅନ୍ତି ଆମ ସରକାର
ଅଳସୁଆ ପରିବାର ।
ସବୁ ଦେଶ ବାସୀ ଖୁସିରେ ଅଛନ୍ତି
ଏତ ଈଶ୍ୱରଙ୍କ ଦୟା
ଗରିବ ହଟୁଛି ରୁଗ୍ଣତା ବଢୁଛି
ବଢୁଛନ୍ତି ଅଳସୁଆ ।
ହସ ଖୁସିରେ ତ ଚଳୁଛି ସଂସାର
ଚିନ୍ତାର କି ପ୍ରୟୋଜନ
ଯିଏ ଯହିଁ ଥାନ୍ତୁ ଆନନ୍ଦେ ଚଳନ୍ତୁ
କାଳିଆ ରେ ନିବେଦନ ।

**- ବିଷ୍ଣୁପ୍ରିୟା ପଣ୍ଡା**
**ପହଙ୍ଗା, ନିଆଳୀ, କଟକ**

# ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୀବନରୁ ଶିକ୍ଷା

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀର ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଏଥିରେ ହିଂସାର କୌଣସି ସ୍ଥାନ ନାହିଁ । 'ବସୁଧୈବ କୁଟମ୍ବକମ' ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ । ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତି ପବିତ୍ର ଗ୍ରନ୍ଥ ଭଗବତଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି । ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତ ଗୀତାରେ ବର୍ଣ୍ଣିତ । ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି 'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।

ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ । ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସମ୍ପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି । ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ । ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ-ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇ ପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି 'ଦିନ-ଇ-ଇଲାହି' ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତି 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତ୍ପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ । କ୍ଷମତା ପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ । ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସମ୍ପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ । ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ, ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ । ଏହି ମହାନ ବାଣୀକୁ ଆମେ ଭାରତୀୟମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

**-ଆଶୁତୋଷ ନାୟକ**
**ଗୋପାଳପୁର, ବାଲେଶ୍ୱର,**
**ମୋବାଇଲ-୭୦୨୦୬୧୧୩୦୦**





# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ




**କେନ୍ଦ୍ରାପଡା(ଏନ୍.ଏମ୍.):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ ଠାରେ କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ବିଶିଷ୍ଟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ପ୍ରମୁଖ ଯୋଗ ଦେଇଥିବାବେଳେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଦାସ, କେନ୍ଦ୍ରାପଡା ଡିଆଇଇଟିର ରାଜକିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ ଶିକ୍ଷା କ୍ଷେତ୍ରରେ କେନ୍ଦ୍ରାପଡା ସବୁଠୁ ଆଗରେ ଥିବାବେଳେ ଜିଲ୍ଲାର ଶିକ୍ଷିତ ବର୍ଗଙ୍କ ସଂଖ୍ୟା ରାଜ୍ୟରେ ସର୍ବାଗ୍ରେ ରହିଛି ବୋଲି କହିଥିଲେ। ପିଲାମାନେ ନିଷ୍ଠାପର ଓ ତ୍ୟାଗ ମନୋଭାବ ନେଇ ପାଠପଢିବା ସହ ପିତାମାତା ଓ ଶିକ୍ଷକମାନଙ୍କୁ ସମ୍ମାନ ଏବଂ ଭକ୍ତି କଲେ ଜୀବନରେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ୯ଟି ବ୍ଲକରୁ ମୋଟ ୧୭୪୯ ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେମାନଙ୍କ ମଧ୍ୟରେ ଜିଲ୍ଲାର ୧୨୦ଜଣ ଛାତ୍ରଛାତ୍ରୀଙ୍କୁ ଷ୍ଟୁଡେଣ୍ଟ ଏକାଡେମିକ ଆୱାର୍ଡ, ଷ୍ଟୁଡେଣ୍ଟ ବ୍ଲକସ୍ତରୀୟ ଆୱାର୍ଡ ୯୧୧ଜଣଙ୍କୁ ଓ ଲିଡରସିପ୍ ଆୱାର୍ଡ ୬୧୯ଜଣ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ବେଳେ ମାଧ୍ୟମିକ ସ୍କୁଲ ଆୱାର୍ଡ ୨୭ଜଣ ଶିକ୍ଷକଙ୍କୁ, ଏଲିମେଣ୍ଟ ସ୍କୁଲ ଆୱାର୍ଡ ୨୭ଜଣ ଶିକ୍ଷକଙ୍କୁ, ଗ୍ରାମ ପଞ୍ଚାୟତ ଆୱାର୍ଡ ୯ଜଣ ଜନପ୍ରତିନିଧିଙ୍କୁ, ଆଲୁମିନି କମିଟି ଆୱାର୍ଡ ୯ଜଣଙ୍କୁ, ସ୍କୁଲ ପରିଚାଳନା କମିଟିର ୯ଜଣ ସଭାପତିଙ୍କୁ ଏସଏମସି ଆୱାର୍ଡ, ଏଚଏମ ଆୱାର୍ଡ ୯ଜଣ ପ୍ରଧାନ ଶିକ୍ଷକଙ୍କୁ ଓ ଜୁନିଅରଏଲିମେଣ୍ଟାରି ଆୱାର୍ଡ ୯ଜଣ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଦିକନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ନୋଡାଲ ପ୍ରଧାନ ଶିକ୍ଷକ ଏବଂ ସମସ୍ତ ପୁରସ୍କୃତ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ବିତରଣ

## ବିଭିନ୍ନ କେନ୍ଦ୍ର ଓ ଭ୍ରାମ୍ୟମାଣ ଶିବିର ଜରିଆରେ ବିତରଣ ଜାରି ରହିବ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟରେ ପ୍ରାୟ ୪ଲକ୍ଷ ଭିନ୍ନକ୍ଷମ ରହିଥିବାବେଳେ ସେମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତଥା ଅନ୍ୟାନ୍ୟ ସହାୟକ ସରଞ୍ଜାମ ଯୋଗାଇ ଦିଆଯିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଆଜି ୟୁନିଟ୍-୬ସ୍ଥିତ ବିଏମ୍ସି କଲ୍ୟାଣମଣ୍ଡପରେ ଆୟୋଜିତ ଏକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ଜୟପୁରସ୍ଥିତ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ଶାଖା ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଖୋର୍ଦ୍ଧା ଠାରେ କାର୍ଯ୍ୟକରୁଛି ଏବଂ ଏହି ସଂସ୍ଥା ସାରା ରାଜ୍ୟରେ



ବିଭିନ୍ନ କେନ୍ଦ୍ର ତଥା ଭ୍ରାମ୍ୟମାଣ ଶିବିର ଜରିଆରେ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ଯୋଗାଇଦେବ।

ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ ସପ୍ତାହର ଉଦ୍ଯାପନୀ ଅବସରରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ୭୨ଟି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ୫ଟି ହୁଇଲ୍ ଚେୟାର, ୨ଟି ଟ୍ରାଇ-ସାଇକେଲ୍, ୫ ହଳ ସହାୟକ ଆଶାବାଡ଼ି ଏବଂ ୨ଟି ଏଲ୍ବୋ କ୍ରଚ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସମେତ ବିଏମସି ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଡାକ୍ତର ଶୀତିକଣ୍ଠ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହା ବ୍ୟତୀତ ଅତିରିକ୍ତ ମହାନିର୍ଦ୍ଦେଶକ (କ୍ରାଇମ୍) ଅରୁଣ ବୋଥ୍ରାଙ୍କ ସମେତ ୩୨୬୨ ଜିଲ୍ଲା ରୋଟାରୀ ସଂଗଠନର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ ଯେ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ମିଳିତ ଭାବେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ୨୮ରୁ ଅଧିକ ଭ୍ରାମ୍ୟମାଣ ଶିବିର ଆୟୋଜନ କ୍ରମେ ସହାୟକ ଉପକରଣ ବିତରଣ କରିସାରିଛନ୍ତି ଓ ପୂର୍ବରୁ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ମାଧ୍ୟମରେ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି। ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁରୂପ ଭାବରେ କୃତ୍ରିମ ଉପକରଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବିଜେପି ମହାନଦୀ ମଣ୍ଡଳ ପକ୍ଷରୁ ମହିଳା ସଶକ୍ତ ଓ ସ୍ୱାବଲମ୍ବୀ ସଚେତନତା କାର୍ଯ୍ୟକ୍ରମ




**କଟକ(ଏନ୍.ଏମ୍.):** କଟକ ନଗର ବିଜେପି ମହାନଦୀ ମଣ୍ଡଳ ପକ୍ଷରୁ ସ୍ଥାନୀୟ କଲେଜଛକ ଦୁର୍ଗା ମଣ୍ଡପ କାର୍ଯ୍ୟାଳୟ ସଭାଗୃହରେ ମହିଳା ସଶକ୍ତ ଓ ସ୍ୱାବଲମ୍ବୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ସଶକ୍ତ ଓ ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ସହ ବିକଶିତ ଭାରତ ସଂକଳ୍ପ ଯାତ୍ରା ବିଷୟରେ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମକୁ ପୂର୍ବତନ କର୍ପୋରେଟର ଆଇନଜୀବୀ ନିରୋଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାନଦୀ ମଣ୍ଡଳର ୧ଶହ ମିଶନ ଶକ୍ତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦେଶରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ କେନ୍ଦ୍ରସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ସମ୍ପର୍କରେ ଉପସ୍ଥିତ ମହିଳା ପ୍ରତିନିଧିଙ୍କୁ ସଚେତନ କରାଯାଇଥିଲା। କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ନିଜ ନାମରେ ଲାଗୁ କରି ରାଜ୍ୟ ସରକାର ଜନସାଧାରଣଙ୍କୁ ପ୍ରତାରିତ କରୁଛନ୍ତି ବୋଲି ବିଜେପି କାର୍ଯ୍ୟକର୍ତ୍ତା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଖରା ସରପଞ୍ଚ ମଧୁଛନ୍ଦା ଉପାଧ୍ୟାୟ, ରଞ୍ଜିତା ନାୟକ, ମଧୁସ୍ମିତା ସାମଲ, ଗୀତା ହେଉରୀ, ମମତା ସ୍ୱାଇଁ, ରାଜଲକ୍ଷ୍ମୀ ଜେନା, ସବିତା ନାୟକ, କୁସୁମ ରେଡ଼ି, ସୁମିତ୍ର ପାତ୍ର, କୁନି ଦାସଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ। ଏହି ଅବସରରେ ଯୋବ୍ରାଞ୍ଚଳର ପୂର୍ବତନ କର୍ପୋରେଟର ହେମନ୍ତ କୁମାର ବେହେରା, ସୁନିଲ ଦ୍ୱିବେଦୀ, ଅକ୍ଷୟ ଭୂୟାଁ, ବିଜୟ ବେହେରା, ବାପୁନୀ ଚୌଧୁରୀ ପ୍ରମୁଖ ଯୋଗଦେଇ ଥିଲେ।

# ବହୁ ପ୍ରତିକ୍ଷିତ ବାସୁଦେବ ମନ୍ତେଇ ପୋଲର ଶିଳାନ୍ୟାସ

**ବାସୁଦେବପୁର(ଏନ୍.ଏମ୍.):** ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ବହୁ ପ୍ରତିକ୍ଷିତ ମନ୍ତେଇ ନଦୀରେ ବାଲିଆପାଳ ଘାଟ ଓ ଚାରିବାଟିଆ ଘାଟ ଠାରେ ନୂତନ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇ ଯାଇଛି। ଏହି ସେତୁ ନିର୍ମାଣ ନିମନ୍ତେ ଦୀର୍ଘ ଦିନ ଧରି ଅଞ୍ଚଳବାସୀଙ୍କ ଦାବି ରହିଥିଲା। ତେବେ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ସେତୁର ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ବ୍ୟୋମକେଶ୍ ରାୟ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହି ନୂତନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ବାସୁଦେବପୁର ଠାରୁ ଏକ ବିରାଟ ମୋଟର ସାଇକେଲ ରାଲିରେ ସ୍ୱାଗତ ପୂର୍ବକ ପ୍ରଥମେ ବାସୁଦେବପୁର ମତାଜୀ ମଠ ଠାରୁ କରଞ୍ଜଆଡିଆ ଭାୟା (ବିଦେଇପୁର) ଏବଂ କରଞ୍ଜଆଡିଆରୁ ଚାରିବାଟିଆ ଭାୟା (ଗୋବିନ୍ଦପୁର) ଦେଇ ମୋଟର ସାଇକେଲ ଶୋଭାଯାତ୍ରାରେ ଶିଳାନ୍ୟାସସ୍ଥଳକୁ ନିଆ ଯାଇଥିଲା।



# କେନ୍ଦୁ ଗୋଛା କାଟିଲେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର



**ପାଟଣାଗଡ଼(ଏନ୍.ଏମ୍.):** ପାଟଣାଗଡ଼ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗ୍ରାମରେ ୨୦୨୪ ବର୍ଷ କେନ୍ଦୁପତ୍ର ଗୋଛା କଟେଇ ଆରମ୍ଭ ହୋଇଛି। ଗୋଛା କଟେଇରେ ଗ୍ରାମର ୩୭ଜଣ ମହିଳା ପୁରୁଷ ଶ୍ରମିକ ଯୋଗ ଦେଇଥିଲେ। ପାଟିମାଲ ସେକ୍ସନ ଫରେଷ୍ଟର ପଦ୍ମଲୟା ସେଠ ତଦାରଖ କରି ଶ୍ରମିକଙ୍କୁ ଠିକ ହିସାବରେ କେନ୍ଦୁପତ୍ର କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଗୋଛାକୁ ଠିକରେ କାଟିଲେ ଉପଯୁକ୍ତ ପତ୍ର ବାହାରିବ ଫରେଷ୍ଟର ଶ୍ରୀ ସେଠ କହିଛନ୍ତି। ଏହାଦ୍ୱାରା ଗ୍ରାମର ୨୦୮ପରିବାର ରୋଜଗାରକ୍ଷମ ହୋଇପାରିବେ ଏବଂ କେନ୍ଦୁ ପତ୍ରର ସରକାରୀ ଯୋଜନାରେ ଲାଭ ଉଠାଇ ପାରିବେ ବୋଲି ମତ ରଖିଥିଲେ। ଶେଷରେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ଗୋଛା କଟାଳୀ ଶ୍ରମିକମାନଙ୍କ ସହ ସାକ୍ଷାତ କରି କେବଳ କେନ୍ଦୁ ଗୋଛାକୁ ଚିହ୍ନି କାଟିବା ଓ ଜଙ୍ଗଲ ଜାତ ବୃକ୍ଷକୁ ନକଟିବା, ଜଙ୍ଗଲରେ ନିଆଁ ନଲଗାଇ ଜଙ୍ଗଲ ବୃକ୍ଷକୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଶ୍ରମିକମାନଙ୍କ ସେହ କେନ୍ଦୁ ଗୋଛାକାଟି ଥିଲେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚେକର ବିହରିଲାଲ ସାହୁ, ଝସକେତନ ବେହେରା, ଭୋଜରାଜ ବରିହା, ହୀରକାନ୍ତ ବରିହା ପ୍ରମୁଖ ଯୋଗ ଦେଇଥିଲେ।

# ଅଖିଳ ଭାରତ ପୋଷ୍ଟମ୍ୟାନ, ଏମଟିଏସ ଓ ଗ୍ରାମୀଣ ଡାକ ସେବକସଙ୍ଘର ବାର୍ଷିକ ସମ୍ମିଳନୀ



**କେନ୍ଦ୍ରାପଡ଼ା (ଏନ୍.ଏମ୍.):** ଅଖିଳ ଭାରତ ପୋଷ୍ଟମ୍ୟାନ, ଏମଟିଏସ ଓ ଡାକ ସେବକସଙ୍ଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ସହରର ହୋଟେଲ ଗୋଲଡେନ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଲିୟାକତ ଅଲ୍ଲୀ, ସୂର୍ଯ୍ୟକାନ୍ତ ସାମଲ, ଅଶୋକ କୁମାର ପଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସହିଦ ବେଦୀରେ ମାଲ୍ୟାର୍ପଣ ପରେ ସମ୍ମିଳନୀକୁ ଉଦଘାଟନ କରି ଶ୍ରମିକନେତା ଗୟାଧର ଧଳ ଦେଶ ଆଜି ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି ବୋଲି ଆହ୍ୱାନ ଦେଇଥିଲେ। ମୋଦି ସରକାର ସମୟରେ ବୃହତ ଶିଳ୍ପପତିମାନଙ୍କୁ ଋଣ ଛାଡ ସହିତ ଟିକସ ରିହାତି ଦିଆଯାଉଥିବାବେଳେ ଦେଶର ଗରିବ ଚାଷୀ, ମୂଲିଆ, ଶ୍ରମିକ, କର୍ମଚାରୀ ଓ ଗ୍ରାମୀଣ ମହିଳାମାନଙ୍କ ଉପରେ ଅର୍ଥନୈତିକ ବୋଝ ବଢି ବଢି ଚାଲିଛି ବୋଲି କହିଥିଲେ। ସାରା ଦେଶର ଆଜି ସମସ୍ତେ ଏକାଠି ହୋଇ ମୋଦି ସରକାରର ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ସର୍ବଭାରତୀୟ ସମ୍ପାଦକ ତଥା ଏନଏଫପିଇର ଡେପୁଟୀ ସେକ୍ରେଟାରୀ ଜେନେରାଲ ଦେବବ୍ରତ ମହାନ୍ତି ଡାକ ବିଭାଗର ସମସ୍ୟା ଓ ଗ୍ରାମୀଣ ଡାକସେବକମାନଙ୍କ ସମସ୍ୟାକୁ କିଭଳି ଭାବେ ପ୍ରତିହତ କରିହେବ ସେ ସମ୍ପର୍କରେ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ଅଶୋକ କୁମାର ପଣ୍ଡା ବିଭିନ୍ନ ଘଟଣାବଳୀ ତଥା କାର୍ଯ୍ୟକ୍ରମର ରିପୋର୍ଟ ଉପସ୍ଥାପନ କରିଥିଲେ। ସହକାରୀ ସର୍କଲ ସମ୍ପାଦକ ରାଜୀବ କୁମାର ନାୟକ ଜି.ଡି.ଏସ. କ୍ୟାଡରକୁ ତିନି ଭାଗରେ ବିଭକ୍ତ କରିବା ପାଇଁ ଡାକ ବିଭାଗରୁ ଯେଉଁ ପ୍ରସ୍ତାବ ଆସିଛି ତାହାକୁ ସେ ଘୋର ବିରୋଧ କରିଥିଲେ। ଏହା ଘରୋଇକରଣ ପାଇଁ ଅଭିପ୍ରେତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ପଲାଇ, ପ୍ରଭାସ ପାତ୍ର, ଅରକ୍ଷିତ ସେଠୀ, ସେକ ମନୁଆର୍, ଅମିତ ମହାନ୍ତି, ରଞ୍ଜନ ବାରିକ, ବର୍ଷାରାଣୀ ସାହୁ, ଦେବାଶିଷ ବିଶ୍ୱାଳ, କପିଳ ଚନ୍ଦ୍ର ଦାସ, ଦୀପଙ୍କର ଦାସ, କୁଶାକ୍ଷନ ଦାସ, କୈଳାସ ମଳିକ, ସୁଶିଲ ଓରାମ, ମଙ୍ଗଳ ହେମ୍ବ୍ରମ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ଏମଟିଏସରୁ ଲିଆକତ ଅଲ୍ଲୀ, ସୂର୍ଯ୍ୟକାନ୍ତ ସାମଲ ଓ ଧୋଇ ଚରଣ ସାହୁ ପ୍ରମୁଖ ଯଥାକ୍ରମେ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଥିବା ବେଳେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘର ଅଶୋକ କୁମାର ପଣ୍ଡା ସଭାପତି ଓ କପିଳ ଚନ୍ଦ୍ର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଆସନ୍ତା ସମ୍ମିଳନୀ ମଧ୍ୟରେ ସଂଗଠନକୁ ଅଭିବୃଦ୍ଧି ଓ ଦାବି ହାସଲ ପାଇଁ ଆହ୍ୱାନ ଦିଆଯାଇଥିଲା।

# ବୋଧପୁର ପଞ୍ଚାୟତରେ କର୍ମୀ ସମ୍ମିଳନୀ : ଲୋକଙ୍କ ଅଭିଯୋଗ ଶୁଣିଲେ ଓ ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟକ

**କଟକ ସଦର(ଏନ୍.ଏମ୍.):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଧପୁର ପଞ୍ଚାୟତରେ କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସ୍ଥାନୀୟ ବିଧାୟକ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ବେହେରା ବୋଧପୁର ପଞ୍ଚାୟତରେ ପହଞ୍ଚିବା ପରେ ବିଜେଡି କର୍ମୀ ଓ ପଞ୍ଚାୟତ ବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ପରେ ବୋଧପୁର ଗ୍ରାମର ନିମାଇଁ ଚରଣ ଦାସଙ୍କ ବାସଭବନରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ବିଧାୟକ କର୍ମୀମାନଙ୍କ



ସହିତ ମତ ବିନିମୟ କରିବା ସହ ପଞ୍ଚାୟତର ରହିଥିବା ଛୋଟ ମୋଟ ସମସ୍ୟା ଉପରେ ଆଲୋଚନା କରି ସମାଧାନ ପାଁଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ସୁରେନ୍ଦ୍ର ବେହେରା ଓ କ୍ଷିରୋଦ କିଶୋର ବେହେରା ବିଜେଡ଼ିରେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ବେହେରା ଉଭୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ପଞ୍ଚାୟତର ବରିଷ୍ଠ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ନାନପୁର, ଫୁଲରା, ପାଇକାଣ, ବୋଧପୁର ଗ୍ରାମର ବହୁ ଯୁବ, ବୟସ୍କ କର୍ମୀମାନେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଗିରିଜାଶଙ୍କର ଦାସ୍, ସମିତି ସଭ୍ୟାଙ୍କ ପ୍ରତିନିଧି ଅଶୋକ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ପଣ୍ଡା, ପୂର୍ବତନ ସଭ୍ୟ ଦେବେନ୍ଦ୍ର ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ବିଶ୍ୱାଳ, ବୁଢା ବେହେରା, ସୁବାସ ଦାସ, ଭ୍ରମରବର ମାହାଳୀ, ପଞ୍ଚାୟତ ସଂଯୋଜକ ଇନ୍ଦୁଭୂଷଣ ବେହେରା, ପ୍ରମୋଦ ବସ୍ତିଆ, ଅଶୋକ ଭୋଇ, ପ୍ରଫୁଲ ରଥ, ସରୋଜ ବେହେରା, ବିଜୟ ସାହୁ, ଶୁଭେନ୍ଦୁ ମିଶ୍ର, ଜିତେନ୍ଦ୍ର ବାରିକ, ରମେଶ ବେହେରା, ସୁନାକର ମିଶ୍ର, ବିଶ୍ୱକେତନ ସାହୁ, ବିଶ୍ୱଜିତ ରାଉତ, ଶାରଦା ପଣ୍ଡା, ଯୋଗେନ୍ଦ୍ର ପାଣି, ମଳୟ ଗୋଛାୟତ, ନିରଞ୍ଜନ ବେହେରା, ଯୁଗଳ ବିଶ୍ୱାଳ, ବିଶ୍ୱନାଥ ତ୍ରିପାଠୀ, ସୁରେଶ ଚନ୍ଦ୍ର ହୋତା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରେମିକାଙ୍କୁ ମାରି ପେଟ୍ରୋଲ ଢାଳି ଜାଳିଦେଲା ନୃଶଂସ ପ୍ରେମିକ !

**ସୁବର୍ଣ୍ଣପୁର(ଏନ୍.ଏମ୍.):** ପ୍ରେମକୁ କିଏ କେଉଁ ଭାଷାରେ ବ୍ୟାଖ୍ୟା କରେ। ହେଲେ ଏ ଅଜବ ଦୁନିଆରେ ଦେଖିବାକୁ ମିଳିଛି ଗଜବ ପ୍ରେମ କାହାଣୀ। ସାମାନ୍ୟ ସନ୍ଦେହରେ ପ୍ରେମିକାକୁ ମାରି ପେଟ୍ରୋଲ ଢାଳି ଜାଳି ଦେଲା ନୃଶଂସ ପ୍ରେମିକ। ଏପରି ବୀଭତ୍ସ ହତ୍ୟାକାଣ୍ଡ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କେନଝିରିଆପାଲି ପଞ୍ଚାୟତ ବଲିପାଲି ଗାଁରେ ଘଟିଛି। ସମ୍ବଲପୁର ଜିଲ୍ଲା କତରବା ଥାନା ଲାଉବାହାଲ ଗାଁର ମନ୍ଦାକିନୀ ପଟନିଆଁଙ୍କୁ ପ୍ରେମ କରୁଥିଲେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଓବଲିପାଲି ଗାଁର ଲିଙ୍ଗରାଜ ଦେହୁରୀ। ମନ୍ଦାକିନୀ ମଧ୍ୟ ତାଙ୍କୁ ଭଲ ପାଉଥିଲେ। ଏ ପ୍ରେମ ସମ୍ପର୍କ ଦୀର୍ଘ ଦିନର। ବାହା ହେବା ପାଇଁ ଉଭୟ ପରସ୍ପରକୁ କଥା ଦେଇଥିଲେ। ହେଲେ ଉଭୟଙ୍କ ନିଛକ ପ୍ରେମରେ ପ୍ରତିବନ୍ଧକ



ସାଜିଥିଲା ସନ୍ଦେହ। ପ୍ରେମିକା ମନ୍ଦାକିନୀ ଆଉ ଜଣେ ଯୁବକଙ୍କ ସହିତ କଥା ହେଉଥିବା ସନ୍ଦେହ କରୁଥିଲେ ଲିଙ୍ଗରାଜ। ଯେଉଁଥିପାଇଁ ତାଙ୍କ ମନରେ ମନ୍ଦାକିନୀଙ୍କ ପ୍ରତି ଘୃଣାଭାବ ଜାତ ହୋଇଥିଲା। ଆଉ ମନ୍ଦିକିନୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ ଲିଙ୍ଗରାଜ। ଗତ ଶନିବାର ଯୋଜନା କରି ପ୍ରେମିକା ମନ୍ଦାକିନୀଙ୍କୁ ଡକାଇଥିଲେ ଲିଙ୍ଗରାଜ। ଆଉ ପ୍ରେମିକଙ୍କଠାରୁ ଡାକରା ପାଇ ଘର ଲୋକଙ୍କୁ କିଛି ନକହି ଚୁପ୍ଚାପ୍ ବସ୍ରେ ପଳାଇ ଆସିଥିଲେ ମନ୍ଦାକିନୀ। ସେ ପ୍ରେମିକଙ୍କ ଗାଁ ନିକଟସ୍ଥ ଲୁତୁରପଙ୍କ ଛକରେ ଓହ୍ଲାଇଥିଲେ। ସେତେବେଳକୁ ସଞ୍ଜ ନଇଁ ଆସିଥିଲା। ଖସ୍ପା ଅନ୍ଧକାର ଭିତରେ ସାଇକେଲ୍ ଧରି ପହଞ୍ଚିଥିଲେ ପ୍ରେମିକ ପ୍ରବର ଲିଙ୍ଗରାଜ। ତାଙ୍କ ସାଇକେଲ୍ରେ ବସି ହୀରାପାଲି ଯାଇଥିଲେ ମନ୍ଦାକିନୀ। ସେଠାରୁ ପହଞ୍ଚିଲା ପରେ ଉଭୟଙ୍କ ଭିତରେ ପ୍ରଥମେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। କଥାବାର୍ତ୍ତା ଭିତରେ 'ତୁ କାହିଁକି ଅନ୍ୟ ଜଣେ ଯୁବକ ସହିତ କଥା ହେଉଛୁ' ବୋଲି ଲିଙ୍ଗରାଜ ପଚାରିଥିଲେ। ଥରେ କି ଦୁଇ ଥର ନୁହେଁ, ବାରମ୍ବାର ପଚାରିଥିଲେ। ଯାହାକୁ ବିରୋଧ କରିଥିଲେ ମନ୍ଦାକିନୀ। 'ମୁଁ କାହା ସହିତ କଥା ହେଉନି' ବୋଲି ସଫେଇ ଦେଇଥିଲେ ମନ୍ଦାକିନୀ। ହେଲେ ବୁଝିବା ସ୍ଥିତିରେ ନଥିଲେ ଲିଙ୍ଗରାଜ। ଯୁକ୍ତିତର୍କ ଭିତରେ ଅନ୍ଧକାର ରାତିରେ ରାସ୍ତା ପାର୍ଶ୍ୱରେ ମନ୍ଦାକିନୀଙ୍କୁ ତଳେ ପକାଇ ମାଡ଼ି ବସିଥିଲେ ଲିଙ୍ଗରାଜ। ତା'ପରେ ତାଙ୍କ ତଣ୍ଟି ଚିପି ମାରିଦେଇଥିବା ଅଭିଯୋଗ ହୋଇଥିଲା। ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ସେ ମୃତଦେହକୁ ଏକ ଗଛରେ ଟାଙ୍ଗି ଦେଇଥିଲେ। ତା'ପରେ ସେ ଘରକୁ ଫେରିଥିଲେ ଲିଙ୍ଗରାଜ। ନିଜ ହାତରେ ପ୍ରେମିକାକୁ ମାରିଥିବାରୁ ମନ ଭିତରେ ଭୟ ଘାରିଥିଲା। କୁଆଡ଼େ ଧରାପଡ଼ିଯିବ କି ? ସେହି ଭୟରେ ପୁଣି ଥରେ ନିଜ ସାଇକେଲ୍ ଧରି ଘରୁ ବାହାରିଲେ ଲିଙ୍ଗରାଜ। ଆଉ ସାଥୀରେ ପେଟ୍ରୋଲ୍ ଧରି ଆସିଥିଲେ। ଗଛରୁ ମୃତଦେହ ଓହ୍ଲାଇ ପେଟ୍ରୋଲ୍ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ରବିବାର ସକାଳେ ହୀରାପାଲି ଗାଁ ଲୋକ ଦରପୋଡ଼ା ମୃତଦେହ ପଡ଼ିଥିବା ଦେଖି ବୀରମହାରାଜପୁର ଥାନାକୁ ଖବର ଦେଇଥିଲେ। ପୁଲିସ୍ ଦରପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ମୃତଦେହଟି ମନ୍ଦାକିନୀଙ୍କର ବୋଲି ଜଣାପଡ଼ିଥିଲା। ଏହା ପରେ ପୁଲିସ୍ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା। ପରିବାର ଲୋକଙ୍କ ତଥ୍ୟ ଆଧାରରେ ପୁଲିସ୍ ବଲିପାଲି ଗାଁର ଲିଙ୍ଗରାଜଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଜେରା ବେଳେ ହତ୍ୟା କରିଥିବା ଲିଙ୍ଗରାଜ ସ୍ୱୀକାର କରିଥିବା ଜଣାପଡ଼ିଛି। ଏହା ପରେ ପୁଲିସ୍ ତାଙ୍କୁ ଗିରଫ କରିଛି।

# 'ମେ ୧୫ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ପରୀକ୍ଷା ଫଳ'

**ଭୁବନେଶ୍ୱର(ଏନ୍.ଏମ୍.):** ଆସନ୍ତା ମେ' ୧୫ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ପରୀକ୍ଷା ଫଳ। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ। ଆଜି ଏହି ସୂଚନା ଦେଇଛନ୍ତି ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ଭିତରେ ରେଜଲ୍ଟ ବାହାର କରାଯିବ ବୋଲି ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୨୦ ତାରିଖରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସରିବ। ପରୀକ୍ଷା ସରିବାର ଦୁଇ ଦିନ ପରେ କିମ୍ବା ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ମାର୍ଚ୍ଚ ୨୨ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସେହିପରି ଏପ୍ରିଲ ୪ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନଲାଇନ ଓ ଅଫଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଅନ୍ଲାଇନରେ ଖାତାଦେଖା ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫଲାଇନରେ ହେବ। ଚଳିତ ବର୍ଷ ଖାତା ଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ହେବେ ବୋଲି ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।




# ସମ୍ବଲପୁରରେ ବଢ଼ିଚାଲିଛି ସାଇବର ଅପରାଧ



**ସମ୍ବଲପୁର(ଏନ୍.ଏମ୍):** ସମ୍ବଲପୁରରେ ସାଇବର୍ ଠକେଇ କମିବା ନାଁ ଧରୁନି। ଅପରାଧୀ ଧରା ନ ପଡ଼ିବାକୁ ବଢ଼ୁଥିବା ସାଇବର ଠକେଇ ସମ୍ବଲପୁରବାସୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏସବୁ ମଧ୍ୟରେ ବୁର୍ଲା ସୌରଭ ବିହାରରେ ରହୁଥିବା ରାମଗୋପାଳ ପାଣିଗ୍ରାହୀ କ୍ଲୋନିଂ ୱେବ୍ସାଇଟ୍ ମାଧ୍ୟମରେ ସାଇବର୍ ଠକେଇର ଶିକାର ହୋଇ ୫୦ ହଜାର ଟଙ୍କା ହରାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦ ତାରିଖ ରାତି ଏସ୍ବିଆଇ ଲେଖା ଥାଇ ଏକ ମେସେଜ୍ ତାଙ୍କ ପାଖକୁ ଆସିଥିଲା। ଫୋନରେ ୪୯୮୮ ରିୱାର୍ଡ ପଏଣ୍ଟ ରିଡିମ୍ କରିବା ପାଇଁ ସେଥିରେ ଉଲ୍ଲେଖ ଥିଲା ଏବଂ ରିୱାର୍ଡ ପଏଣ୍ଟକୁ ଟଙ୍କାରେ ବଦଳାଇବାକୁ ଆଜି ଶେଷ ତାରିଖ (ଫେବ୍ରୁଆରି ୨୦) ବୋଲି ଲେଖା ଯାଇଥିଲା। ତା' ସାଙ୍ଗରେ ଗୋଟିଏ ଲିଙ୍କ୍ ଦିଆଯାଇଥିଲା। ଲିଙ୍କ୍ କ୍ଲିକ୍ କରିବା ପରେ ଏସ୍ବିଆଇର ୱେବ୍ସାଇଟ୍ ଭଳି ଅବିକଳ ନକଲ ୱେବ୍ସାଇଟ୍(କ୍ଲୋନିଂ ୱେବ୍ସାଇଟ୍) ଖୋଲି ଯାଇଥିଲା। ଇଣ୍ଟରନେଟ୍ ବ୍ୟାଙ୍କିଂ ଭଳି ୟୁଜର୍ ନେମ୍ ଓ ପାସ୍ୱାର୍ଡ ସେଟ୍ କରିବା ପରେ ଓଟିପି ମଗାଯାଇଥିଲା। ୨ ଥର ସେ ଓଟିପି ଦେଇଥିଲେ। ଏସବୁ ମଧ୍ୟରେ ଠକ ତାଙ୍କ ଆକାଉଣ୍ଟରୁ ୪୯,୮୮୮ ଟଙ୍କା କାଟି ନେଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ସାଇବର୍ ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରି ଅଭିଯୋଗ କରିଥିଲେ। ପରେ କୌଣସି ଉପାୟ ନ ପାଇ ମଙ୍ଗଳବାର ରାତି ରାମଗୋପାଳ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟ ଏକ ଘଟଣାକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରହୁଥିବା ସମ୍ବିତ ପଣ୍ଡା ୫୬ ହଜାର ଟଙ୍କା ସାଇବର୍ ଠକେଇର ଶିକାର ହୋଇଛନ୍ତି। ତାଙ୍କର ଜଣେ ଆଇନଜୀବୀ ସାଙ୍ଗ ପାଖରୁ ଏକ କଲ୍ ଆସିଥିଲା। ଜଣେ ସିଆର୍ପିଏଫ୍ ଜବାନ ସାଙ୍ଗ ତାର ଘରକରଣା ସାମଗ୍ରୀମାନ ବିକ୍ରି କରିବାକୁ ଚାହୁଥିବା ସେ କହିଥିଲେ। ତାଙ୍କ ସହ ଯୋଗାଯୋଗ କରିବାକୁ ନମ୍ବର ମଧ୍ୟ ଦେଲେ। ଜିନିଷ କିଣିବା ପାଇଁ ସେହି ନମ୍ବରରେ ସମ୍ବିତ ଯୋଗାଯୋଗ କରିବାରୁ ଆଜି ଚାଲିଯିବି କହିବା ସହ ଗୁଗୁଲ ପେ' ମାଧ୍ୟମରେ ଟଙ୍କା ପଠାଇବାକୁ କହିଥିଲେ। ତା କଥାରେ ବିଶ୍ୱାସ କରି ପ୍ରଥମେ ୨ଟି ପର୍ଯ୍ୟାୟରେ ସେ ୨୫ ହଜାର ଟଙ୍କା ଦେଇଥିଲେ। ପରେ ତାଙ୍କୁ କୋରିଅର୍ ସର୍ଭିସ୍ରୁ କଲ୍ ଆସିଲା, ୧୫ ହଜାର ୫ ଶହ ଟଙ୍କା ଗେଟ୍ ପାସ୍ ବାବଦରେ ଦେବାକୁ କହାଗଲା। ସେ ସେହି ଟଙ୍କା ମଧ୍ୟ ପେଠ କଲେ। ଉକ୍ତ ବ୍ୟକ୍ତି ଜିଲ୍ଲା ଦୌରା ଜଜ୍ଙ୍କ ଫେକ୍ ଆଇଡି ବି ବ୍ୟବହାର କରିଥିଲା। ତାପରେ ପୁଣିଥରେ ଶେଷ ଥର କହି ଟଙ୍କା ମାଗିଥିଲେ। ସମ୍ବିତ ଆଉ ୧୫ ହଜାର ୫ ଶହ ଟଙ୍କା ଦେଇଥିଲେ। ମୋଟ ୫୬ ହଜାର ଟଙ୍କା ଦେଇ ସାରିବା ପରେ ଠକେଇର ଶିକାର ହୋଇଥିବା ଜାଣିଥିଲେ। ଏ ନେଇ ସମ୍ବିତ ମଙ୍ଗଳବାର ରାତି ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟ କରିବାର ସହଜତା ଓ ସୁଗମତା ଦୃଷ୍ଟିରୁ ଓଡିଶା ଅନ୍ୟତମ ସର୍ବୋତମ ରାଜ୍ୟ: ଇପିକଲ ଏମ୍‌ଡି

# ଭୁବନେଶ୍ୱରରେ ଆସୋଚାମ୍ ପକ୍ଷରୁ ଓଡିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ ୨୦୨୪

**ଭୁବନେଶ୍ୱର(ଏନ୍.ଏମ୍.):** ଇପିକଲ ଓ ଇଡ୍କୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭୂପେନ୍ଦ୍ର ସିଂହ ପୁନିଆ ଓଡିଶାକୁ ବ୍ୟବସାୟ କରିବାର ଖର୍ଚ୍ଚ ଓ ସୁଗମ ବ୍ୟବସ୍ଥା ଦୃଷ୍ଟିରୁ ଦେଶର ଅନ୍ୟତମ ସର୍ବୋତମ ରାଜ୍ୟ ଭାବେ ଆଲୋକପାତ କରିଛନ୍ତି। ଭୁବନେଶ୍ୱରରେ ଆସୋଚାମ ଦ୍ୱାରା ଆୟୋଜିତ ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭରେ ନିଜର ମତବ୍ୟକ୍ତ କରି ଶ୍ରୀ ପୁନିଆ କହିଛନ୍ତି ଯେ, 'ଓଡିଶାକୁ ପାରମ୍ପରିକ ଭାବେ ଖଣି ଓ ଧାତୁ ଆଧାରିତ ଶିଳ୍ପ ରାଜ୍ୟ ଭାବେ ବିବେଚନା କରାଯାଇଥାଏ। ବର୍ତ୍ତମାନ ଆମେ ପୋଷାକ ନିର୍ମାଣ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ଅନ୍ୟାନ୍ୟ କ୍ଷେତ୍ରଗୁଡିକୁ ପ୍ରବେଶ କରି ବିବିଧୀକରଣ କରୁଛୁ। ଆମେ ଆଇଟି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରୁଛୁ। ଏଠାରେ ଶ୍ରମ ମୂଲ୍ୟ ପ୍ରତିଯୋଗୀପୂର୍ଣ୍ଣ ରହିଛି ଏବଂ ସ୍କିଲିଂ ଓ ରିସ୍କିଲିଂ ଉପରେ ଆମ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଆମେ ମଧ୍ୟ ବିଭିନ୍ନ କ୍ଷେତ୍ରର ଶିଳ୍ପଗୁଡିକୁ ଭଲ ପ୍ରୋତ୍ସାହନ ପ୍ରଦାନ କରୁଛୁ।' ଆସୋଚାମ୍‌ରେ ଓଡିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଜାତୀୟ ହାରକୁ ଅତିକ୍ରମ କରିଥିବା ୭.୮୨%ର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ହାର ସହିତ



ରାଜ୍ୟ ଜିଡିପିରେ ୧୪.୪୨%ର ଯୋଗଦାନ ଦେଉଥିବା ଓଡିଶାର ଉନ୍ନତ ମାନୁଫ୍ୟାକ୍‌ଚରିଂ ବା ନିର୍ମାଣ କ୍ଷେତ୍ରକୁ ଆଲୋକପାତ କରିଥିଲେ। ସେ ୨୦୧୫ରୁ ୨୦୨୨ ମଧ୍ୟରେ ୪.୭୪ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରବାହକୁ ଉଲ୍ଲେଖ କରିଥିଲେ। ଏହି କନ୍‌କ୍ଲେଭ୍ ବା ସମ୍ମିଳନୀରେ ଇଏସ୍‌ଜି, ସ୍ମାର୍ଟ ଲଜିଷ୍ଟିକ୍ସ, ସର୍କ୍ୟୁଲାରିଟି ଓ ଆଡ୍‌ଭାନ୍ସଡ୍ ଡିଜିଟାଇଜେଶନ ପ୍ରସଙ୍ଗରେ ଆଲୋଚନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି କାରଣ ଭାରତ ୨୦୩୦ ସୁଦ୍ଧା ସଷ୍ଟେନେବୁଲ ଡେଭ୍‌ଲପ୍‌ମେଣ୍ଟ୍ ଗୋଲ୍ (ଏସ୍‌ଡିଜି) ଓ ୨୦୭୦ ଶୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରୟାସ କରୁଛି। ଆସୋଚାମ୍ ମାନୁଫ୍ୟାକ୍‌ଚରିଂ ହବ୍ କାଉନ୍ସିଲ, ଇଷ୍ଟର୍ଣ୍ଣ ରିଜିଅନର ଅଧ୍ୟକ୍ଷ ଅରିଜିତ ବାସୁ ଭାରତରେ ଉତ୍ପାଦନ କ୍ଷେତ୍ର ଯୋଗ କରୁଥିବା ମୋଟ ମୂଲ୍ୟ କ୍ଷେତ୍ରରେ ସ୍ଥିର ଅଭିବୃଦ୍ଧିକୁ ହାଇଲାଇଟ୍ କରିଥିଲେ ଯାହାକି ଆସନ୍ତା ୫ ବର୍ଷରେ(୨୦୨୪-୨୦୨୮) ୮.୨୧%ର ଏକ କମ୍ପାଉଣ୍ଡ ଆନୁଆଲ ଗ୍ରୋଥ୍ ରେଟ (ସିଏଜିଆର୍) ସହିତ ୨୦୨୪ରେ ୨୬୬.୪୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ସେ ମଧ୍ୟ ୨୦୨୩ରେ ହାରାହାରି ୪.୭%ର ଏକ ବାର୍ଷିକ ଉତ୍ପାଦନ ଅଭିବୃଦ୍ଧି ହାର ସହିତ ୨୦୨୪ରେ ଶିଳ୍ପ ଉତ୍ପାଦନ ପ୍ରାୟ ୧୩୬୦.୦୦ ବିଲିୟନ ଡଲାର ରହିବ ବୋଲି ଆଶା କରାଯାଉଥିବା ଉଲ୍ଲେଖ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ଆସୋଚାମ୍‌ର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ୍ କୌର କହିଛନ୍ତି ଯେ, 'ଓଡିଶା ସମଗ୍ର ବିଶ୍ୱକୁ କିଛି ମହାନ ଷ୍ଟାର୍ଟଅପ୍ ଲିଡର ଦେଇଛି ଯିଏକି ବ୍ୟବସାୟ କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି। ହୋଟେଲ ଶିଳ୍ପରେ ବ୍ୟାଘାତ ସୃଷ୍ଟି କରିଥିବା ଓୟୋର ରିତେଶ ଅଗ୍ରୱାଲଙ୍କ ଠାରୁ ଆରମ୍ଭ କରି କୃଷକମାନଙ୍କ ସହ କାର୍ଯ୍ୟ କରୁଥିବା କଳାହାଣ୍ଡିର ଦମ୍ପତିଙ୍କ ପର୍ଯ୍ୟନ୍ତ, ଆମ ନିକଟରେ ଆମ ମଧ୍ୟରେ ଅନେକ ମହାନ ବିଚାରଧାରାର ବ୍ୟକ୍ତି ରହିଛନ୍ତି।' ଉଦ୍ଭାବନର ମହତ୍ୱକୁ ଗୁରୁତ୍ୱ ଦେଇ ସେ ସମସ୍ତ ସଦସ୍ୟମାନଙ୍କୁ ସହଯୋଗିତା କରିବା ଏବଂ ଓଡିଶା ଓ ଭାରତରେ ମାନୁଫ୍ୟାକ୍‌ଚରିଂ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ଆମନ୍ତ୍ରିତ କରିଛନ୍ତି। ଏହି କନ୍‌କ୍ଲେଭ୍ ଗ୍ଲୋବାଲାଇଜେଶନ ପ୍ରସଙ୍ଗରେ ନିର୍ମାଣ ଓ ଉତ୍ପାଦନ ସମୁଦାୟକୁ ଆଗକୁ ବଢାଇବା ପାଇଁ ଏକ ଦୂରଦୃଷ୍ଟି ହାସଲ କରିବାର ଲକ୍ଷ୍ୟ ସହିତ ରଣନୈତିକ ଚିନ୍ତାଧାରା, ସ୍ଥାୟୀ ପଦକ୍ଷେପ, ହିତାଧିକାରୀଙ୍କ ପ୍ରଭାବ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଆଲୋକପାତ କରିଥିଲା। ଏହାର ମିଳିତ ଲକ୍ଷ୍ୟ ହେଉଛି ନିବେଶକୁ ତ୍ୱରାନ୍ୱିତ କରିବା ଏବଂ ଜାରି ରହିଥିବା ଶିଳ୍ପାୟନ ପ୍ରକ୍ରିୟା କ୍ଷେତ୍ରରେ ଉଲ୍ଲେଖନୀୟ ଇଏସ୍‌ଜି ଅଭ୍ୟାସ, ସ୍ମାର୍ଟ ଲଜିଷ୍ଟିକ, ଉଦ୍ଭାବନ, ସ୍ଥାୟିତ୍ୱ, ସମାବେଶୀୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ଆସୋଚାମ ପକ୍ଷରୁ – ରିସର୍ଜେଣ୍ଟ; ରିଇମାଜିନିଙ୍ଗ ମାନୁଫ୍ୟାକ୍‌ଚରିଂ ସ୍ମାର୍ଟ ଆପ୍ରୋଚେସ ଫର୍ ନେକ୍ସଟ୍ ଫେଜ୍ ରିପୋର୍ଟସ୍' ନାମକ ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏହି ସମ୍ମିଳନୀରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି, ରିସର୍ଜେଣ୍ଟ୍ ଇଣ୍ଡିଆ ଲିମିଟେଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ସଞ୍ଜିତ କୁମାର, ଆର୍‌ସେଲର ମିତଲ ନିପ୍ପନ ଷ୍ଟିଲ ଇଣ୍ଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି, ହିନ୍ଦୁସ୍ତାନ କୋକାକୋଲା ବେଭ୍‌ରେଜେସ୍‌ର ପବ୍ଲିକ ଆଫାୟାର୍ସ, କମ୍ୟୁନିକେଶନ୍ସ, ସଷ୍ଟେନାବିଲିଟି ବିଭାଗର ମୁଖ୍ୟ ଅଧିକାରୀ ଓ ଉପାଧ୍ୟକ୍ଷ ହିମାଂଶୁ ପ୍ରିୟଦର୍ଶୀ ଆଦି ନିଜର ମତବ୍ୟକ୍ତ କରିଥିଲେ।

# ଆଶା କର୍ମଚାରୀଙ୍କ ଦାବି ପୂରଣ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ

**କଟକ(ଏନ୍.ଏମ୍.):** ରାଜ୍ୟରେ ଆଶାକର୍ମୀମାନଙ୍କୁ ସରକାର ସର୍ବଦା ଅଣଦେଖା କରୁଛନ୍ତି। ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟାର ସମାଧାନ ନେଇ ଦାବି କରି ଆସୁଥିଲେ ମଧ୍ୟ ସରକାର ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଆଉ ଆଗକୁ ଏଭଳି ବୈମାତୃକ ମନୋଭାବକୁ ସହ୍ୟ କରିହେବ ନାହିଁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ଏବଂ ଓଡ଼ିଶା ସରକାର ଏଥିପାଇଁ ଜାତୀୟସ୍ତରରେ ପ୍ରଶଂସା ପାଇ ଆସୁଥିଲାବେଳେ ଆଶାକର୍ମୀ ମାନଙ୍କର ନିଷ୍ଠାପର ଉଦ୍ୟମ ଫଳରେ ଏହା ସମ୍ଭବପର ହୋଇ ପାରିଛି। ମାତ୍ର ରାଜ୍ୟ ସରକାର ଏହି ଆଶାକର୍ମୀ ମାନଙ୍କୁ ଅଣଦେଖା କରିଆସୁଛନ୍ତି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଆଶାକର୍ମୀ ମାନେ ଗାଁ ଗାଁ ବୁଲି ମାଁ ଓ ଶିଶୁ ମାନଙ୍କର ଯତ୍ନ ନେଇ ଆସୁଥିଲା ବେଳେ ଏମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା, ସ୍ଥାୟୀ ନିଯୁକ୍ତି ଏବଂ ପାରିଶ୍ରମିକ ବାବଦ ବେତନ ମିଳୁନାହିଁ। ଏମାନଙ୍କୁ ମାସିକ ୪ହଜାର ୫ଶହ ଟଙ୍କା ପାରିଶ୍ରମିକ ବାବଦ ଭତ୍ତା ଆକାରରେ ଦିଆଯାଉଛି। ରାଜ୍ୟ ସରକାର ଅବିଳମ୍ବେ ଆଶାକର୍ମୀ ମାନଙ୍କୁ ସରକାରୀ ମାନ୍ୟତା, ସ୍ଥାୟୀ ନିଯୁକ୍ତି, ସାମାଜିକ ସୁରକ୍ଷା ସହିତ ମାସିକ ବେତନ ୧୮ ହଜାର ଟଙ୍କା ଦେବାପାଇଁ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ସ୍ଥାନୀୟ ସିଡିଏ ୮ ନମ୍ବର ସେକ୍ଟର ସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ ଠାରେ ସଂଘ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି, କାର୍ଯ୍ୟକାରୀ ସଭାପତି ସକୁନ୍ତଳା ଗୋଛାୟତ, ସହସମ୍ପାଦିକା ଧରିତ୍ରୀ ବାରିକ, ଅପର୍ଣ୍ଣା ପ୍ରଧାନ, ମୀନା ମହାନ୍ତ, ପ୍ରମିଳା ମହାନ୍ତ, ଭାରତୀୟ ମଜଦୁର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ କୁମାର ଦାସ, କଟକ ଜିଲ୍ଲା ସହସମ୍ପାଦିକା ଜ୍ୟୋସ୍ନା ରାଣୀ ସିଂ, ଭାରତୀୟ ମଜଦୁର ସଂଘ କେନ୍ଦୁଝର ଜିଲ୍ଲା ସହସମ୍ପାଦକ ଚନ୍ଦନ ବଇପାଇ, ଭାରତୀୟ ମଜଦୁର ସଂଘ ରାଜ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କହିଲେ ଯେ, ରାଜ୍ୟର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଆଶାକର୍ମୀ ମାନେ ବିଭିନ୍ନ ଦୁର୍ବିପାକ ସମୟରେ ମାଆ ଓ ଶିଶୁଙ୍କ ସେବା ଓ ଯତ୍ନ କରି ଆସିଛନ୍ତି। ଯାହା ଫଳରେ ଓଡ଼ିଶା ଜାତୀୟସ୍ତରରେ ଏଥିପାଇଁ 'ଏ' ଗ୍ରେଡ୍ ପାଇଛି। ଆଶାକର୍ମୀ ମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବପର ହୋଇପାରିଛି। ତେଣୁ ରାଜ୍ୟ ସରକାର ଆଶାକର୍ମୀ ମାନଙ୍କର ଦାବିଗୁଡିକ ଉପରେ ବିଚାର କରି ଏଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଦାବି ଗୁଡିକ ମଧ୍ୟରେ ରହିଛି ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନାହିଁ, ମାସିକ ୧୮ ହଜାର ଟଙ୍କା ବେତନ ଦେବା, ଆଶାକର୍ମୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା, ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସର କାଳୀନ ସହାୟତା ୫ ଲକ୍ଷ ଟଙ୍କା ସହ ମାସିକ ୫ ହଜାର ଟଙ୍କା ପେନସନ ଯୋଗାଇ ଦେବା, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କାର ସହାୟତା ରାଶି ଦେବାସହ ପରିବାରର ଜଣକୁ ନିଯୁକ୍ତି ଦେବା। ରାଜ୍ୟ ସରକାର ଆଶାକର୍ମୀମାନଙ୍କର ଦାବିଗୁଡିକ ତୁରନ୍ତ ପୂରଣ ନକଲେ ଆଗାମୀ ଦିନରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ଏବଂ ରାଜ୍ୟ ବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




# ବଢ଼ିଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା



**ଭୁବନେଶ୍ୱର(ଏନ୍.ଏମ୍.):** ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ତା' ସହିତ ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ବଢ଼ିଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ଏହି ଘୋଷଣା। ଏହା ଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟିକା ଉପକୃତ ହେବେ। ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ପାରିଶ୍ରମିକ ୭୫୦୦ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ମିନି ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ୫୩୭୫ରୁ ୭୨୫୦ ଟଙ୍କାକୁ ବଢ଼ିଛି। ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ୩୭୫୦ରୁ ୫ ହଜାର ଟଙ୍କା ହୋଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଅକ୍ଟୋବର ୨୦୨୩ରୁ ଜାନୁଆରୀ ୨୦୨୪- ଚାରି ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ଚଳିତ ଫେବ୍ରୁଆରୀ ମାସରୁ ସେମାନଙ୍କୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ଅଙ୍ଗନବାଡ଼ି କର୍ମଚାରୀଙ୍କ ସେବା ନିବୃତ୍ତି ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି। ଏହା ଆସନ୍ତା ଏପ୍ରିଲ ପହିଲା (୦୧.୦୪.୨୦୨୪)ରୁ ଲାଗୁ ହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନବାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନବାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ପାଇବେ ଓ ଅଙ୍ଗନବାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ। ସେହିପରି ସାମାଜିକ ସୁରକ୍ଷା ଦିଗରେ- ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନବାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଏହି ସୁବିଧା ମଧ୍ୟ ୦୧.୦୪.୨୦୨୪ରୁ ଲାଗୁ ହେବ।

# ବସ୍ତିରେ ବୁଲିଲେ ବିଲ୍ ଗେଟ୍ସ

**ଭୁବନେଶ୍ୱର(ଏନ୍.ଏମ୍.):** ଭୁବନେଶ୍ୱରରେ ବସ୍ତି ବୁଲିଲେ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ। ସକାଳୁ ସକାଳୁ ଚନ୍ଦ୍ରଶେଖରପୁରସ୍ଥିତ ଲୁମ୍ବିନୀ ବିହାର ମା' ମଙ୍ଗଳା ବସ୍ତି ଗସ୍ତ କରିବା ସହ ସେଠାରେ ମୁକ୍ତା ଓ ଜାଗା ମିସନ ଯୋଜନାରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଜାଗା ମିସନରେ ଲୋକେ କିଭଳି ଜମି ଅଧିକାର ପାଇଛନ୍ତି ଏବଂ ମୁକ୍ତା ଯୋଜନାରେ କେଉଁ ସବୁ ସୁବିଧା ପାଉଛନ୍ତି ସେନେଇ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ବସ୍ତିର ସ୍ୱଚ୍ଛତା, ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ ଆଦି ବିଷୟରେ ଲୋକଙ୍କୁ ପଚାରି ବୁଝିଛନ୍ତି। ଏଥିସହ ବସ୍ତିବାସିନ୍ଦାଙ୍କ ଉନ୍ନତ ଜୀବନଶୈଳୀ ପାଇଁ ରାଜ୍ୟ ସରକାର କିଭଳି ସୁନ୍ଦର ବ୍ୟବସ୍ଥା କରିଛନ୍ତି ତାହା ଅନୁଧ୍ୟାନ କରିଛନ୍ତି। ବସ୍ତିରେ ଥିବା ଅଙ୍ଗନୱାଡି କେନ୍ଦ୍ର ବୁଲିବା ସହ ପିଲାଙ୍କୁ ଭେଟିଛନ୍ତି। ଏହି ବ୍ୟବସ୍ଥା ଅନ୍ୟ ଦେଶରେ କିପରି ଲାଗୁ କରାଯିବ ସେନେଇ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ତାଙ୍କ ସହ ଏକ ପ୍ରତିନିଧି ଦଳ ମଧ୍ୟ ବସ୍ତି ବୁଲିଥିଲେ। ବିଲ୍ ଗେଟ୍ସଙ୍କ ବସ୍ତି ଗସ୍ତରେ ସାମିଲ ହୋଇଥିବା ଉନ୍ନୟନ କମିସନର ଅନୁ ଗର୍ଗ କହିଛନ୍ତି ଯେ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ମିଳିଛି କି ନାହିଁ ? ପିଇବା ପାଣିର ସୁବିଧା ଅଛି କି ? ଲୋକଙ୍କ ଜୀବନଶୈ?ଳୀ କିଭଳି ରହିଛି ଆଦି ବିଷୟ ଉପରେ ସେ ସମୀକ୍ଷା କରିଛନ୍ତି। ମିସନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ କିପରି ଚାଲିଛି ଏନେଇ ମହିଳାଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ମହିଳାମାନେ ଯାହା କହିଲେ ତାହା ଶୁଣି ସେ ଖୁସି ହୋଇଥିବା ସେ କହଛନ୍ତି। ନଗର ଉନ୍ନୟନ ପ୍ରମୁଖ ସଚିବ ଜି ମାଥିଭାଥନନ କହିଛନ୍ତି ଯେ ବିଲ୍ ଗେଟ୍ସଙ୍କ ସହ ଏକ ଟିମ୍ ରହିଥିଲା। ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମାଣ ହୋଇଥିବା ବିଜୁ ଆଦର୍ଶ କଲୋନି, ମୁକ୍ତା ଯୋଜନା, ଜାଗା ମିସନ, ମିସନ ଶକ୍ତି ମହିଳାଙ୍କୁ ନେଇ କିଭଳି ବସ୍ତି ବିକାଶ ହେଉଛି ସେନେଇ ଆଲୋଚନା କରିଛନ୍ତି। ବିଲ୍ ଗେଟ୍ସଙ୍କୁ ଭେଟି ବସ୍ତିର ଲୋକେ ଖୁସି ବ୍ୟକ୍ତ କରିଛନ୍ତି।

# ବଢ଼ିଲା ଗଣ ଶିକ୍ଷକଙ୍କ ଦରମା

**ଭୁବନେଶ୍ୱର(ଏନ୍.ଏମ୍.):** ବଢ଼ିଛି ଗଣ ଶିକ୍ଷକଙ୍କ ଦରମା। ଓଟିଇଟି ପାସ୍ କରିନଥିବା ଗଣ ଶିକ୍ଷକଙ୍କ ପାରିଶ୍ରମିକକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ମାସିକ ଦରମା ୭ ହଜାରରୁ ୧୦ ହଜାରକୁ ବଢ଼ାଯାଇଛି। ଖାଲି ଏତିକି ନୁହେଁ ଓଟିଇଟି ପାସ୍ କରିଥିବା ଗଣଶିକ୍ଷକମାନେ ନିୟମିତ ହେବେ। ଏମଇଡି ଶିକ୍ଷକ ଭାବେ ନିୟମିତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଓଟିଇଟି ପାସ୍ କରିଥିବା ସହକାରୀ ଶିକ୍ଷକଙ୍କୁ ବାର୍ଷିକ ଇନକ୍ରିମେଣ୍ଟ ବି ଦିଆଯିବାକୁ ଘୋଷଣା କରିଛନ୍ତି। ଏହାପରେ ରାଜ୍ୟର ମୋଟ୍ ୧୨ ହଜାର ୧୧୩ ଗଣଶିକ୍ଷକ ଏହି ନିଷ୍ପତ୍ତିର ଫାଇଦା ପାଇବେ। ଗଣ ଶିକ୍ଷକମାନେ ଦରମା ବୃଦ୍ଧି ସହ ଅନେକ ଦାବି ନେଇ ରାଜଧାନୀ ରାଜରାସ୍ତାରେ ମାସ ମାସ ଧରି ଧାରଣା ଦେଇଥିଲେ। ବହୁ ବର୍ଷ ଧରି ଏନେଇ ଦାବି ବି କରି ଆସୁଥିଲେ। ତେବେ ନିର୍ବାଚନ ପୂର୍ବରୁ ଗଣ ଶିକ୍ଷକଙ୍କ ଦରମା ବଢ଼ାଇଛନ୍ତି ରାଜ୍ୟ ସରକାର।

# ଓଡ଼ିଶାରେ ଏଣିକି ପ୍ରତି ବର୍ଷ ହେବ ବାଘ ଗଣନା

**ଭୁବନେଶ୍ୱର(ଏନ୍.ଏମ୍.):** ଓଡ଼ିଶାରେ ଏଣିକି ପ୍ରତି ବର୍ଷ ହେବ ବାଘ ଗଣନା। କ୍ୟାମେରା ଟ୍ରାପ ଜରିଆରେ ବର୍ଷ ସାରା ମହାବଳ ବାଘଙ୍କ ସ୍ଥିତି ଉପରେ ରହିବ ନଜର। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ। ଗତକାଲି ପ୍ରକାଶ ପାଇଥିବା ରାଜ୍ୟର ପ୍ରଥମ ବାଘ ଗଣନା ରିପୋର୍ଟରେ ରାଜ୍ୟରେ ୩୦ଟି ମହାବଳ ଓ ୮ଟି ଶାବକ ଥିବା ଜଣାପଡିଛି। ସେଥିରୁ ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ ଶାବକ ଥିବା ବେଳେ କେନ୍ଦୁଝର, ପାରଳାଖେମୁଣ୍ଡି ଓ ହୀରାକୁଦ ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳଙ୍କ ଉପସ୍ଥିତି ସ୍ପଷ୍ଟ ହୋଇଛି। ତେବେ ଚିନ୍ତା ବଢ଼ାଉଛି କଳା ବାଘ ବଂଶ ବୃଦ୍ଧି। ଶିମିଳିପାଳରେ ଏବେ ଅଛନ୍ତି ୧୩ କଳା ବାଘ। ଇନ୍ ବ୍ରିଡ଼ିଂ ଯୋଗୁଁ କଳା ବାଘଙ୍କ ସଂଖ୍ୟା ବଢୁଥିବା କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ଏଥିପାଇଁ ଏନଟିସିଏ ଏବଂ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ କହିଛନ୍ତି। ସାତକୋଶିଆରେ ନାହାନ୍ତି ଗୋଟିଏ ବି ମହାବଳ ବାଘ। ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡାଯିବା ନେଇ ଯୋଜନା କରାଯିବ। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ନୂଆ ଟେରିଟରି ସନ୍ଧାନରେ ଅଛନ୍ତି ମହାବଳ । ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡ଼ିହାକୁ ମିଶାଇ ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କ।



# ଓଡ଼ିଶାରେ କମୁଛି କଲରାପତରିଆ ବାଘଙ୍କ ସଂଖ୍ୟା

ଓଡ଼ିଶାରେ ଅସୁରକ୍ଷିତ କି କଲରା ପତରିଆବାଘ ସାରା ଦେଶରେ କଲରାପତରିଆ ବାଘ ସଂଖ୍ୟା ବଢ଼ିଥିବା ବେଳେ, ଓଡ଼ିଶାରେ କମୁଥିବା ସୂଚନା ରହିଛି। ଗତ ୪ ବର୍ଷରେ ରାଜ୍ୟରୁ ୧୯୨ଟି କଲରାପତରିଆ ଉଭାନ ହୋଇଯାଇଥିବା ସୂଚନା ରହିଛି। ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ବା ଏନଟିସିଏର ଷ୍ଟାଟସ୍ ଅଫ୍ ଲିଓପାର୍ଡସ୍ ଇନ୍ ଇଣ୍ଡିଆ-୨୦୨୨ ରିପୋର୍ଟରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ। ରିପୋର୍ଟ ଅନୁସାରେ, ୨୦୧୮ ଗଣନା ଅନୁସାରେ ଓଡ଼ିଶା ଜଙ୍ଗଲରେ ୭୬୦ଟି କଲରାପତରିଆ ବାଘ ଥିଲେ। ୨୦୨୨ରେ ଏହି ସଂଖ୍ୟା ୫୬୮କୁ ଖସିଆସିଛି। ତେବେ ସାରା ଦେଶରେ କଲରାପତରିଆ ବାଘ ସଂଖ୍ୟା ୨୦୧୮ର ୧୨ ହଜାର ୮୫୨ ରେକର୍ଡ ହୋଇଥିବା ବେଳେ, ୨୦୨୨ରେ ଏହା ୧୩ ହଜାର ୮୭୪କୁ ବୃଦ୍ଧି ପାଇଛି। ଭାରତର କେନ୍ଦ୍ରାଞ୍ଚଳ ଏବଂ ପୂର୍ବଘାଟ ଅଞ୍ଚଳରେ ଓଡ଼ିଶା ସମେତ ଛତିଶଗଡ଼ ଓ ତେଲେଙ୍ଗାନାରେ କଲରାପତରିଆ ବାଘ ସଂଖ୍ୟା ଖସିବାକୁ ନେଇ ରିପୋର୍ଟରେ ଚିନ୍ତା ପ୍ରକଟ କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ଓଡ଼ିଶାରେ ବାଘ ଗଣନା କରାଯାଇଥିଲା। ରାଜ୍ୟରେ ଏବେ ମୋଟ ୭ଟି ବାଘଛୁଆ ସମେତ ୩୦ଟି ବାଘ ଅଛନ୍ତି। ସେଥିରେ ୧୩ଟି କଳାବାଘ ଚିହ୍ନଟ କରାଯାଇଥିଲା । ଶିମିଳିପାଳ ଅଭୟାରଣ୍ୟ ଅଂଚଳରେ ବିଶ୍ୱର ଏହି ବିରଳ ପ୍ରଜାତିର କଳାବାଘ ରହିଥିବା ଓଡ଼ିଶା ସରକାରଙ୍କ ରିପୋର୍ଟରୁ ସୂଚନା ମିଳିଥିଲା।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ...

ନିକଟ ଓମଫେଡ ପଡିଆରେ ଆସନ୍ତା କାଲି ୪୭ଜଣ ବ୍ରହ୍ମାକୁମାରୀ ଈଶ୍ୱରୀୟ ସେବାରେ ସମର୍ପିତ ହେବେ ବୋଲି ବ୍ରହ୍ମକୁମାର ଡ. ନଥମଲ ସୂଚନା ଦେଇଛନ୍ତି। ସମର୍ପିତ ଭଉଣୀମାନେ ଆଜୀବନ ବ୍ରହ୍ମଚାରିଣୀ ରହି ଈଶ୍ୱରୀୟ ସେବାରେ ନିୟୋଜିତ ହେବେ ବୋଲି ସେ କହିଛନ୍ତି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା ୧୯୬୭ ମସିହାରେ ଆରମ୍ଭ ହୋଇଥିଲା ବେଳେ ରାଜ୍ୟରେ ଏହି ସେବା କଟକରେ ୧୯୭୩ ମସିହାରେ ରାଜ ଯୋଗିନୀ ବ୍ରହ୍ମାକୁମାରୀ କମଳେଶ ଦିଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ଅଜବ ଦାବି ନେଇ ସୁପ୍ରିମକୋର୍ଟରେ ...

ବିଧାୟକମାନଙ୍କର ମଧ୍ୟ ବ୍ୟକ୍ତିଗତ ଗୋପନୀୟତାର ଅଧିକାର ରହିଛି। ଆମେ କେମିତି ଏଥିରେ ହସ୍ତକ୍ଷେପ କରିବୁ ? ଭବିଷ୍ୟତରେ ଏପରି ଆବେଦନ ଯେମିତି ଦାଖଲ ନ ହୁଏ।" ସାଧାରଣ ଲୋକଙ୍କ ସମୟ ନଷ୍ଟ ହେଉଥିବାରୁ ଶୁଣାଣି ଆରମ୍ଭରୁ ସୁପ୍ରିମକୋର୍ଟ ଆବେଦନକାରୀ କୁନ୍ଦ୍ରାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିବାର ଚେତାବନୀ ଦେଇଥିଲେ। ଏକଥା ଶୁଣି କୁନ୍ଦ୍ରା କହିଥିଲେ ଯେ ନିଜର ପକ୍ଷ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ୧୫ ମିନିଟ ସମୟ ଦିଅନ୍ତୁ। ନିଜର ଯୁକ୍ତି ଉପସ୍ଥାପନ କରି ଶ୍ରୀ କୁନ୍ଦ୍ରା କହିଥିଲେ ଯେ ନିର୍ବାଚନ ଜିତିବା ପରେ ସାଂସଦ ଓ ବିଧାୟକମାନେ ନିଜକୁ ଶାସକ ଭାବେ ଚିତ୍ରଣ କରୁଛନ୍ତି। ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରହିବା ଦରକାର। ତେଣୁ ସମସ୍ତ ସାଂସଦ ଓ ବିଧାୟକଙ୍କ ଘର ଠାରୁ ଆରମ୍ଭ କରି ସେମାନେ ଯାଉଥିବା ସ୍ଥାନଗୁଡ଼ିକରେ ସିସିଟିଭି ଫୁଟେଜ ଲଗାଇ ୨୪ ଘଣ୍ଟିଆ ମନିଟରିଂ ବ୍ୟବସ୍ଥା କରାଯାଉ। ଏହି ଫୁଟେଜ ସମସ୍ତ ସାଧାରଣ ଲୋକଙ୍କ ମୋବାଇଲରେ ମଧ୍ୟ ଉପଲବ୍ଧ ହେବା ଦରକାର ବୋଲି ସେ କହିଥିଲେ। ୧୫ ମିନିଟର ସମୟ ଅତିକ୍ରମ କରିବା ପୂର୍ବରୁ ସିଜେଆଇ ଆବେଦନକାରୀଙ୍କୁ ଅଟକାଇ ଦେଇଥିଲେ। ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ ଯେ ସେ ନିଜକୁ ଆବେଦନକାରୀଙ୍କ ଉପରେ ଲାଗିଥିବା ଫାଇନ ନିର୍ଦ୍ଦେଶରୁ ଦୂରେଇ ରଖୁଛନ୍ତି। କିନ୍ତୁ ସେ ଆବେଦନକାରୀଙ୍କୁ କୋର୍ଟଙ୍କ ସମୟ ନଷ୍ଟ ନ କରିବାକୁ ପରାମର୍ଶ ଦେଇଛନ୍ତି।

## ସହର ବିକାଶରେ ନୂଆ ମାଇଲଷ୍ଟୋନ ...

ସୁଯୋଗ ପାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟର ଡ୍ରିଙ୍କ ଫ୍ରମ ଟ୍ୟାପ କାର୍ଯ୍ୟକ୍ରମ ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ସାରା ଦେଶ ପାଇଁ ଏକ ମଡେଲ। ବ୍ରହ୍ମପୁର ସହରର ସବୁ ପରିବାର ଆଜିଠୁ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ସହିତ ରାଜ୍ୟର ୮ଟି ସହରରେ ଏହି ସୁବିଧା ମିଳିଲା ବୋଲି ସେ କହିଥିଲେ। ସେହିଭଳି ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀଙ୍କ ଭାଷାରେ ଏହା ସ୍ୱାଧୀନତା ଠାରୁ ମଧ୍ୟ ଅଧିକ ଜରୁରୀ। ଆଜି କଟକ ଓ ଭୁବନେଶ୍ୱର ପାଇଁ ଓଡିଶା ଇଣ୍ଟେଗ୍ରେଡ଼ ସାନିଟେସନ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟ ଉତ୍ସର୍ଗ କରି ମୁଁ ବହୁତ ଖୁସି। ଏଥି ପାଇଁ ଜାଇକା ସହାୟତାରେ ୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ଦ୍ୱାରା ଭୁବନେଶ୍ୱର ଓ କଟକ ସହରରେ ହୋଇଥିବା ଅଣ୍ଡର ଗ୍ରାଉଣ୍ଡ ସ୍ୱେରେଜ ସିଷ୍ଟମ, ନୂତନ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ଇମ୍ପ୍ରୋଭମେଣ୍ଟ ଡ୍ରେନେଜ ଫାସିଲିଟିଗୁଡିକ ଆମ ସହରର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ। ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ମଧ୍ୟ ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ ସହର ସହିତ ଅନେକ ସହରରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା। ଏହା ମାଧ୍ୟମରେ ୨.୬୫ ଲକ୍ଷ ବାସିନ୍ଦା ଉପକୃତ ହେବେ। ଏଥି ସହିତ ଉନ୍ନତି ଓ ମୁକ୍ତା ଯୋଜନାରେ ବିଭିନ୍ନ ସହରରେ ୩୬୯୯ଟି ନୂଆ ଫେବର ଟାଇଲ ରାସ୍ତା ଏବଂ ୬୯୬୧ଟି ସିଭିସ ଆମିନିଟି ପ୍ରୋଜେକ୍ଟ ଉତ୍ସର୍ଗ କରାଗଲା। ମୁକ୍ତା ଯୋଜନାର କାର୍ଯ୍ୟକାରିତା ଉପରେ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ମୁକ୍ତା ଯୋଜନାରେ ସବୁକାମ ମା' ମାନଙ୍କ ଦ୍ୱାରା କରାଯାଉଛି ଏବଂ ଭଲ ଭାବରେ ମଧ୍ୟ ଏହିସବୁ କାମ ମା'ମାନେ ତୁଲାଉଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୪ଟି ସହରରେ ୧୧୬୪ କୋଟି ଟଙ୍କା ମୂଲ୍ୟର ୨୭ଟି ଜଳଯୋଗାଣ ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ କହିଥିଲେ ଯେ, ଆଜି ସୁଦ୍ଧା ୨ ଲକ୍ଷ ୩୫ ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୧୬୩୬ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ଆଜି ୪ଟି ମହାନଗର ନିଗମର ୨୧,୪୨୭ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଗଲା। ଏଥି ସହିତ ପାନୀୟ ଜଳ ପ୍ରକଳ୍ପ, ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ, ଉନ୍ନତି ଯୋଜନାରେ ବିଭିନ୍ନ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ଏହି ସବୁ ପ୍ରକଳ୍ପ ଗୁଡିକ ଫାଇଭ-ଟି ଉପକ୍ରମରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥି ଭାଥନନ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ରତ୍ନଭଣ୍ଡାର ଅଳଙ୍କାର ତଦାରଖ ...

ପ୍ରଶାସନର ମୁଖ୍ୟ ପ୍ରଶାସକ ବି ସଦସ୍ୟ ରହିଛନ୍ତି। କମିଟିର ପ୍ରତ୍ୟେକ ସଦସ୍ୟ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଅଳଙ୍କାରର ତାଲିକା ପ୍ରସ୍ତୁତିର ତଦାରଖ କରିବେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ନେଇ ଏଏଏସ୍‌ଆଇ ଲେଜର ସ୍କାନିଂ ରିପୋର୍ଟରୁ ତଥ୍ୟ ମିଳିଛି। ଏଏସ୍ ଆଇ ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଏହି ସ୍କାନିଂ ରିପୋର୍ଟ ପ୍ରଦାନ କରାଯାଇଛି।

## ଫାଇଭ-ଟି ଅଧ୍ୟକ୍ଷଙ୍କ ଘୋଷଣା ...

ପୋର୍ଟାଲରେ ପଞ୍ଜିକରଣ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖରେ ଅର୍ଥାତ ସ୍ୱାଧୀନତା ଦିବସ ଅବସରରେ ତାହାକୁ ବଣ୍ଟନ କରାଯିବ। ଏହି ଡିଜିଟାଲ ସୁବିଧା ଯୁବପୀଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ସହିତ ସେମାନଙ୍କୁ ଉତ୍ସାହିତ ଓ ସଶକ୍ତ କରିବା କ୍ଷେତ୍ରରେ ସହାୟକ ହେବ। ଏଥିସହିତ ଯୁବକଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ତାହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏନେଇ ଘୋଷଣା କରିଛନ୍ତି। ଏହି କାର୍ଡ 'ସମୃଦ୍ଧିର ପାସପୋର୍ଟ' ହେବ। ଏହି କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ ଆଦିସ୍ତରରେ ବିଭକ୍ତିକରଣ କରାଯିବ। ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଶିକ୍ଷା କ୍ଷେତ୍ରରେ ଉପସ୍ଥାନ, ଏକ୍ସଟ୍ରା କରିକ୍ୟୁଲାର ଆକ୍ଟିଭିଟି, କ୍ରୀଡ଼ା, ଅନଲାଇନ୍ କୋର୍ସ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦି କ୍ଷେତ୍ରରେ ଦକ୍ଷତାକୁ ଆଧାର କରି କାର୍ଡକୁ ବଣ୍ଟନ ଓ ନବୀକରଣ କରାଯିବ। ଓଡ଼ିଆ ଓ ଇଂରାଜୀ ଭାଷା ପାଠ୍ୟକ୍ରମ, ଜାତୀୟ-ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତା ସମୟରେ ଷ୍ଟାଡିୟମରେ ପ୍ରବେଶ, ଜର୍ଣ୍ଣାଲ ଓ ସେମିନାରେ ପ୍ରବେଶ, ପର୍ଯ୍ୟଟନ ସ୍ଥଳୀରେ ପ୍ରବେଶ ଆଦି କ୍ଷେତ୍ରରେ ଏହି କାର୍ଡ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବ। ଏହାବ୍ୟତୀତ ଏହା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

# ଦାଦନ ଶ୍ରମିକକୁ ବନ୍ଧକ ଘଟଣା : ସର୍ଦ୍ଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନାହିଁ

**ପାଟଣାଗଡ଼(ଏନ୍.ଏମ୍.) :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଖଲିଆ ଗାଁର ଦାଦନ ଶ୍ରମିକ ପରିବାରକୁ ସର୍ଦ୍ଦାର ବନ୍ଧକ ରଖି ଟଙ୍କା ଅସୁଲ କରିବା ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଛି ସମ୍ପୃକ୍ତ ଦାଦନ ସର୍ଦ୍ଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଦାଦନ ସର୍ଦ୍ଦାର ଜଣକ କେବେ ଗିରଫ ହେବ ତାକୁ ନେଇ ଅପେକ୍ଷା। ଅନ୍ୟପଟେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ମଧ୍ୟ ନିଦାବିଷ୍ଟ ସାଜିଛି ପାଟଣାଗଡ଼ ପୁଲିସ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସର୍ଦ୍ଦାରକୁ ଗିରଫ କରିବା ବଦଳରେ ତାକୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଲୋକଙ୍କ ମନରେ ସ୍ଥାନୀୟ ପୁଲିସ ପ୍ରତି ଭରଷା ତୁଟିବାରେ ଲାଗିଛି। ତେବେ ସର୍ଦ୍ଦାର ସମସ୍ତଙ୍କୁ ହାତଗୁଞ୍ଜା ଦେଇ ମୁହଁ ବନ୍ଦ କରିଦେଇ ଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏମିତିରେ ନିରୀହ ପରିବାର ଆଉ କାହାକୁ ଗୁହାରି କରିବେ। ମିଳିଥିବା ସୂଚନା ଅନୁସାରେ ଗତ ୨୦୨୩ ମସିହା ଡିସେମ୍ବର ୧୧ତାରିଖ ଦିନ ବେଲପଡା ଥାନା ଡୁଙ୍ଗରିଗୁଡା ଗାଁର ଦାଦନ ସର୍ଦ୍ଦାର ଶିବ ସା ପାଟଣାଗଡ଼ ଥାନା ଖଲିଆ ଗ୍ରାମର ସୁଦର୍ଶନ ଓ ତାଙ୍କ ପରିବାରକୁ ୭୦ ହଜାର ଟଙ୍କା ବଇନା ନେଇ ତେଲେଙ୍ଗାନାର ପଇଦାପଲ୍ଲୀ ଅଞ୍ଚଳକୁ ବେଆଇନ ଭାବେ ଚାଲଣ କରିଥିଲା। ସାଙ୍ଗରେ ସ୍ତ୍ରୀ ସବିତା ଏବଂ ନିଜ ବୁଢ଼ୀ ମା' ବି ଯାଇଥିଲେ। ଘରୁ ଇଟା ବୋହିବା କହି ସେଠାକୁ ଯିବା ପରେ ତତଲା ଇଟାକୁ କାଢ଼ିବାକୁ ସର୍ଦ୍ଦାର ବାଧ କରିଥିଲା। ତତଲା ଇଟା ଯୋଗୁ ସୁଦର୍ଶନଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡି ଯାଇଛି। ଗତ ୨ ମାସ ଧରି ଏମିତି କାମ କରିବା ପରେ ଏହାକୁ ପ୍ରତିବାଦ କରିଥିଲେ ସ୍ୱାମୀ ସ୍ତ୍ରୀ। ଯାହାକୁ ନେଇ ପରିବାର ସମସ୍ତଙ୍କୁ ଏକ କଠୋରୀରେ ବନ୍ଦୀ କରିବା ସହ ସୁଦର୍ଶନଙ୍କୁ ମାଡ଼ ମାରିବା ସହ ତାଙ୍କ ପତ୍ନୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ ଇଟାଭାଟି ମାଲିକ ଏବଂ ତାଙ୍କ ଲୋକ। ପରେ ନେଇଥିବା ବଇନା ଟଙ୍କା ଠାରୁ ଢେର ଗୁଣା ଟଙ୍କା ଫେରସ୍ତ କରିବା ପରେ ଛାଡିବାକୁ ସେମାନେ କହିଥିଲେ। ସୁଦର୍ଶନ ଗାଁରେ ଥିବା ନିଜ ଭାଇମାନଙ୍କୁ ଫୋନ କରି କହିବାରୁ ପାଖରେ ଥିବା ଜମି, ଗାଡିକୁ ବିକ୍ରି କରି ଟଙ୍କା ଯୋଗାଡ଼ କରିଥିଲେ ପରିବାର। ପରେ ଶିବ ପାଖକୁ ଗାଁର ୱାର୍ଡ ମେମ୍ବର ସହ କିଛି ଭଦ୍ରବ୍ୟକ୍ତି ଟଙ୍କା ନେଇ ଗୁହାରି କରିବା ପରେ ଗତ ୧୪ ତାରିଖରେ ସୁଦର୍ଶଙ୍କ ସହ ବନ୍ଦୀ ଥିବା ପରିବାର ଛାଡି ଦେଇଥିଲା। କିନ୍ତୁ ୭୦ ହଜାର ଟଙ୍କା ସ୍ଥାନରେ ୯୦ ହଜାର ଟଙ୍କା ନେଇଥିଲା ଶିବ। ଏମିତି କି ଦୁଇ ମାସ ଧରି କାମ କରିବା ବାବଦ ପାରିଶ୍ରମିକ ବି ଦିଆଯାଇ ନାହିଁ। ଶ୍ରମିକ ପରିବାର ଭୟରେ ଗାଁକୁ ଚାଲି ଆସିଥିବା ବେଳେ ଅସୁସ୍ଥ ଥିବା ସ୍ୱାମୀକୁ ଚିକିତ୍ସା କରୁଛନ୍ତି ସ୍ତ୍ରୀ। ଘରେ ଥିବା ସବୁତକ ଟଙ୍କା ଦାଦନ ସର୍ଦ୍ଦାରକୁ ଦେଇ ଦେଇଥିବାରୁ ଏବେ କେମିତି ଚଳିବେ ତାକୁ ନେଇ ଚିନ୍ତାରେ। ଏନେଇ କାହାକୁ କିମ୍ବା ପୁଲିସ ଠାରେ ଅଭିଯୋଗ କଲେ ସମସ୍ତଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଛି ଦାଦନ ସର୍ଦ୍ଦାର।ଯାହାକୁ ନେଇ ପରିବାର ସମସ୍ତେ ଭୟଭୀତ ଅଛନ୍ତି। ଏନେଇ ଖବର ପ୍ରକାଶିତ ପରେ ସମ୍ପୃକ୍ତ ସର୍ଦ୍ଦାର ଭୟରେ ପରିବାର ଲୋକଙ୍କୁ ୪୦ ହଜାର ଟଙ୍କା ଦେଇଥିବା ପରିବାର ଲୋକ ପ୍ରକାଶ କରିଛନ୍ତି। କିନ୍ତୁ ପୁଲିସ କି କାହା ଆଗରେ କିଛି ନକହିବାକୁ ମଧ୍ୟ ସମ୍ପୃକ୍ତ ସର୍ଦ୍ଦାର ଧମକ ଚକମ ଦେଇଥିବା ସୁଦର୍ଶନ କହିଛନ୍ତି। ଯାହାକୁ ନେଇ ପରିବାର ଲୋକ ଭୟଭୀତ ଥିବାବେଳେ ବଲାଙ୍ଗୀର ଜିଲ୍ଲା ଆରକ୍ଷୀ ତାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ସମ୍ପୃକ୍ତ ପରିବାରକୁ ନ୍ୟାୟ ଦେବାକୁ ଦାବି ହେଉଛି।

# ବିଜେପିରେ ଚିଲିକା ବିଧାୟକ ପ୍ରଶାନ୍ତ : ପୂର୍ବତନ ବିଧାୟକ ନବୀନ ନନ୍ଦ, ଭାଦୋବ ହାଁସଦା ବି ପଦ୍ମ ଧରିଲେ

**ଭୁବନେଶ୍ୱର(ଏନ୍.ଏମ୍.) :** ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଆଜି ନିଜର ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଆନୁଷ୍ଠାନିକ ଭାବେ ମିଶିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପିର ରାଜ୍ୟ ନିର୍ବାଚନ ସହ ପ୍ରଭାରୀ ଲତା ଉସେଣ୍ଡି, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଶ୍ରୀ ଜଗଦ୍ଦେବଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ବିଜେପିରେ ଯୋଗଦେବା ପରେ ଶ୍ରୀ ଜଗଦ୍ଦେବ କହିଛନ୍ତି ଯେ ମୁଁ ବିଜେପିରେ ସାମିଲ ହୋଇ ଖୁସି ଓ ଗର୍ବିତ। ବିଜେଡିରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ ଜଣାଇବା ସହ ତାଙ୍କ ପାର୍ଟିକୁ ସମ୍ମାନ ଦେଉଥିଲି। କିନ୍ତୁ ଏ କଥାକୁ ମୁଁ ପରିପ୍ରକାଶ କରିପାରୁନଥିଲି। ଦେଶ ତଥା ଆମ ରାଜ୍ୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶାସନର ଆବଶ୍ୟକତା ରହିଛି। ପୂର୍ବରୁ ନବୀନ ବାବୁଙ୍କ ପାଇଁ ବହୁତ କାମ କରିଛି, ସିଏ ବି ମୋତେ ବହୁତ ସମ୍ମାନ ଦେଇଛନ୍ତି। କିନ୍ତୁ ଆଜି ନବୀନ ବାବୁ ସେ ଅବସ୍ଥାରେ ନାହାନ୍ତି। ନବୀନ ବାବୁ ରାଜନୀତି ବ୍ୟବସ୍ଥା ଭିତରୁ ନିବୃତ ରହିବାର ଆବଶ୍ୟକତା ରହିଛି। ଏବେ ମୁଁ ପୂରା ଆକ୍ସନ ମୁଡ୍ରେ ଅଛି, ବିଜେପି ଦଳର କାର୍ଯ୍ୟ କରିବି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସଦସ୍ୟ ତଥା ବ୍ଲକ ସଭାପତି ଅନାଦି ସାହୁ, ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଜଗଦ୍ଦେବ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବସନ୍ତ ମହାପାତ୍ର, ଗୌରୀ ସାହୁ, ବିଜୁ ମହିଳା ଜନତା ଦଳ ସାଧାରଣ ସମ୍ପାଦକ ସୋନାଲି ଡାକୁଆ, ବିଜୁ ଛାତ୍ର ଜନତା ଦଳ ବେଗୁନିଆ ବ୍ଲକ ସଭାପତି ବିଶ୍ୱଜିତ ଭୂଜବଳ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଅପରାହ୍ନରେ ଢେଙ୍କାନାଳ ଜିଲ୍ଲାର ପୂର୍ବତନ ବିଧାୟକ



ତଥା ବିଜେଡି ନେତା ନବୀନ ନନ୍ଦ, ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷ ସନାତନ ସାହୁ, ନାରାୟଣ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର୍ତ୍ତବନ୍ଧୁ ସାହୁ, ଢେଙ୍କାନାଳ ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ସୁମିତ୍ରା ଭୋଇ, ସଦର ବ୍ଲକ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଅନ୍ନପୂର୍ଣ୍ଣା ନନ୍ଦଙ୍କ ସମେତ ଗଁଦିଆ ବ୍ଲକର ଅନେକ ବିଜେଡି ନେତା ଓ କର୍ମୀ ନିଜ ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହାସହ ମୟୂରଭଞ୍ଜ ଅନ୍ତର୍ଗତ ସାରସକଣାର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଭାଦୋବ ହାଁସଦା, ବିଜେଡିର ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ ସମୀର କୁମାର ରାଜ, ଜିଲ୍ଲା ପରିଷଦ ଉପସଭାପତି ଭାଗବତ ପ୍ରସାଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପରମେଶ୍ୱର ବେହେରା, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ସାହୁ, ସଞ୍ଜୟ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ସତ୍ୟରଞ୍ଜନ ମଣ୍ଡଳ ପ୍ରମୁଖ ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ କଟକ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଜିତେନ୍ଦ୍ର ହାତୀ, ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, କ୍ଷୀରୋଦ ସାହୁ, ଗଙ୍ଗାଧର ବେହେରା, ହେମନ୍ତ ସାହୁ, ଅମରେନ୍ଦ୍ର ବେହେରା, ସମାଜସେବୀ ଜୟନ୍ତି ସାହା, ଶିବାନୀ ସାହୁ, ମହିଳା ମହାସଂଘର ଅଧ୍ୟକ୍ଷ ବାସନ୍ତି ଧଡ଼ା, ସମ୍ବଲପୁରର ସଂଗଠକ ଦୀପକ କୁମାର ଗୌଡ଼ ଓ ଶେହେନାଜ୍ ଅଖତର, ବ୍ରହ୍ମପୁରର ଆଇଟି ଇଞ୍ଜିନିୟର ଆଶୁତୋଷ ଦାସ, ଭୁବନେଶ୍ୱର ସମାଜସେବୀ ସ୍ୱାଗତିକା ରାଉତ, ଡା.ପ୍ରଭାତ ରଥ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବାଙ୍କନିଧି ମହାରଣା, ସମାଜସେବୀ ସରୋଜିନୀ ଆଚାର୍ଯ୍ୟ, ସାବିତ୍ରୀ ସାହୁ, ସଞ୍ଜୟ ପଟ୍ଟନାୟକ, ଆନନ୍ଦପୁରର ଆଇନଜୀବୀ ଝାନ୍ସୀରାଣୀ ଦାସ, ଘସିପୁରା ନିର୍ବାଚନ ମଣ୍ଡଳୀର ବହୁ କଂଗ୍ରେସ ନେତା ଆଜି ବିଜେପିରେ ଯୋଗଦେଇଛନ୍ତି। ସେମାନଙ୍କୁ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ନବ ମାଝୀ, ଡ.ବୁଦ୍ଧାନ ମୁର୍ମୁ ପ୍ରମୁଖ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

# ଖଣି ଦୁର୍ନୀତି ମାମଲା : କୋଲକତାରୁ କେନ୍ଦୁଝର ୧୫ଟି ସ୍ଥାନରେ ଚଢ଼ାଉ କଲା ଇଡି

**ଭୁବନେଶ୍ୱର(ଏନ୍.ଏମ୍.) ;** ପୁଣି ଥରେ ଚର୍ଚ୍ଚାକୁ ଫେରିଛି ଉଲିବୁରୁ ଖଣି ଦୁର୍ନୀତି ମାମଲା। ଏହି ଲିଙ୍କରେ ଖଣି ଲିଜ ହୋଲଡର ଏବଂ ଅପରେଟରଙ୍କ ଘର ସମେତ ୧୫ଟି ସ୍ଥାନରେ ହୋଇଛି ବଡ ଧରଣର ଚଢାଉ। ଓଡିଶା ଏବଂ ଓଡିଶା ବାହାରେ ଏହି ସବୁ ଚଢ଼ାଉ କରାଯାଇଛି। କୋଲକାତାରେ ରେଡ ସହ କେନ୍ଦୁଝରର ବଡ଼ବିଲ, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱରରେ ବି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ବି ଚଢ଼ାଉ ଚାଲିଛି।ଉଲିବୁରୁ ଖଣିରେ ୧,୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ୨୦୧୩ ସେପଟେମ୍ବରରେ ଦୀପକ ଗୁପ୍ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଏହି ମାମଲାରେ ଆଜି କେନ୍ଦୁଝର ବଡ଼ବିଲରେ ଉଲିବୁରୁ ଖଣି ଅପରେଟର ଦୀପକ ଗୁପ୍ତାଙ୍କ ଘର ଏବଂ କାର୍ଯ୍ୟାଳୟରେ ରେଡ୍ କରିଛି ଇଡି। ଖଣି ଦୁର୍ନୀତି ସଂପର୍କୀତ ମାମଲାରେ ଚଢ଼ାଉ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଯାଞ୍ଚ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏହି ମାମଲାରେ ଜଙ୍ଗଲ ଏବଂ ଖଣି ଆଇନକୁ ଉଲ୍ଲଘଂନ କରିଥିବା ଅଭିଯୋଗ ହୋଇଥିଲା। ନିର୍ଦ୍ଧାରିତ ସୀମା ବାହାରକୁ ଯାଇ ଜଙ୍ଗଲ ଅଞ୍ଚଳରେ ଖୋଳାଯାଉଥିବ ଅଭିଯୋଗ ହୋଇଥିଲା। ଏହି ଲିଙ୍କରେ ଭିଜିଲାନ୍ସ ୨୯ ଜଣଙ୍କ ନାଁରେ ଚାର୍ଜଶିଟ ଫାଇଲ କରିଥିଲା। ଇଡି ଏହି ଲିଙ୍କରେ ମନି ଲଣ୍ଡରିଂ ମାମଲା ରୁଜୁ କରି କୋଟି କୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତ କରିଥିଲା। ଏହି ଲିଙ୍କରେ କିଛି ବ୍ୟବସାୟୀଙ୍କ ଘରେ ବି ଇଡି ଆଜି ଚଢ଼ାଉ କରୁଛି। ରାଉରକେଲାରେ ବ୍ୟବସାୟୀ ଅଜୟ କଦମୱାଲାଙ୍କ ଘରେ ବି ତଦନ୍ତ ଚାଲିଛି। ଅଜୟ କଦମୱାଲା ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସହ ବହୁ ବ୍ୟବସାୟରେ ସଂପୃକ୍ତ। ଓଡ଼ିଶା ସମେତ କୋଲକାତାରେ ବି ଏହି ଲିଙ୍କରେ ତଦନ୍ତ ହେଉଛି।




**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟର ଲ' ଅଫିସରଙ୍କ ୫୦% ଫି' ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମକଦ୍ଦମା ପରିଚାଳନା କରୁଥିବା ନନ କ୍ୟାଡର ଲ' ଅଫିସରଙ୍କ ଦୈନିକ ଓ ରିଟେନର ଫି' ୫୦% ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଲ' ଅଫିସର ଉପକୃତ ହେବେ। ଏହି ବର୍ଦ୍ଧିତ ଫି' ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଏପିପିମାନେ ଦୈନିକ ୧୨୫୦ ଟଙ୍କା ପାଉଥିବା ବେଳେ ଏବେ ଏହା ବୃଦ୍ଧି ହୋଇ ୧୮୭୫ ଟଙ୍କା ହୋଇଛି। ସେହିଭଳି ରିଟେନର ଫି' ପୂର୍ବରୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୭୪୦ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟରମାନେ ପୂର୍ବରୁ ଦୈନିକ ଫି' ୧୧୦୦ ଟଙ୍କା ପାଉଥିବା ବେଳେ ଏବେ ୧୬୫୦ ଟଙ୍କା ପାଇବେ। ରିଟେନର ଫି ପୂର୍ବରୁ ୪ ହଜାର ଟଙ୍କା ଥିବା ବେଳେ ଏବେ ୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ୮୫ ଜଣ ଏସପିପିମାନେ ପୂର୍ବରୁ ଦୈନିକ ୧୨୫୦ ଟଙ୍କା ପାଉଥିବା ବେଳେ ଏବେ ୧୮୭୫ ଟଙ୍କା ପାଇବେ। ରିଟେନର ଫି ବାବଦକୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ ଜଣ ସରକାରୀ ଓକିଲ ଏବଂ ୧୧୩ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ରିଟେନର ଫି' ବାବଦକୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ।

# ଶ୍ରମ ଅଧିକାରୀଙ୍କ ମେରୀ ରାୟ ନୀତି : ହିତାଧିକାରୀଙ୍କୁ ମିଳୁନି ସରକାରୀ ସହାୟତା ରାଶି

**ପାଟଣାଗଡ଼ (ଏନ୍.ଏମ୍.) :** ସରକାର ଶ୍ରମିକମାନଙ୍କର କଲ୍ୟାଣ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ମେରୀ ରାୟନୀତି ଯୋଗୁଁ ସରକାରୀ ସହାୟତା ହିତାଧିକାରୀଙ୍କ ପାଇଁ ଅପହଞ୍ଚ ହୋଇ ରହି ଯାଉଛି। ସେଥି ମଧ୍ୟରୁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ଘର, ସାଇକେଲ, ଯନ୍ତ୍ରପାତି, ବୋଟ୍ ଟୋପି, ହଏଣ୍ଡଗ୍ଲୋଭ ଆଦି ଶ୍ରମିକ କାର୍ଡ ହିତାଧିକାରୀଙ୍କୁ ଯୋଗାଇ ଦେଉଥିବାବେଳେ ଅନେକ ହିତାଧିକାରୀ ଉକ୍ତ ଯୋଜନାରୁ ସରକାରୀ ସହାୟତା ରାଶି ପାଇବାରେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବଲାଙ୍ଗୀର ଜିଲ୍ଲା



ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତ ଡାହିମାଲ ଗ୍ରାମର ଝଗଡୁ ଦେଓ, ହରିହର ବାଗ, ଯଶୋବନ୍ତ ବାଗ, ମନବୋଧ ସାହୁ,ରକ୍ଷୁ ଦେଓ, ରାଧେଶ୍ୟାମ ମାଝି, ଯୁବା ଗ୍ରାମର ଗୌରୀ ବରିହା, ସତ୍ୟବାଦୀ ବରିହା, ପାଟଣାଗଡ଼ ବ୍ଲକର ମଥୁରା ତମୁନିଆ, ରଘୁମଣି ମାଝୀ, ମିଟୁ ବିଶ୍ୱାଳ, ଋଷଭ ସାହୁ, ବିଶ୍ୱାମିତ୍ର ହରିପାଲ, ଶ୍ରୀକର ସାହୁ, ପୁରନ୍ଦର ସାହୁ, ସନୁ ଖୁଟୁଲା, ବସୁଦେବ ଭୋଇ, ଇଲାବତୀ ଧରୁଆ, ବସନ୍ତ ପ୍ରଧାନ, ଧନକର ନାଗ, ମନୋଜ ନାଏକ ପ୍ରମୁଖ ଶ୍ରମିକ କାର୍ଡ ହିତାଧିକାରୀମାନେ ବିବାହ ଓ ମୃତ୍ୟୁ ସହାୟତା ରାଶି ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ମିଳୁନି। ସହାୟତା ରାଶି ପାଇବା ପାଇଁ ବାରମ୍ବାର ଜିଲ୍ଲା ଶ୍ରମଅଧିକାରୀଙ୍କୁ ଗୁହାରି କଲେ ମଧ୍ୟ କର୍ଣ୍ଣପାତ କରୁନଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଗତ ୨୦୨୧ ମସିହାରେ ଡାହିମାଲ ଗ୍ରାମର ମନବୋଧ ସାହୁ ତାଙ୍କ ଝିଅ ବାହାଘର ପାଇଁ ଆବେଦନ କରିଥିଲେ; ହେଲେ ଅଫିସଙ୍କୁ ଦୌଡ଼ି ଦୌଡ଼ି ନିରାଶ ହୋଇପଡିବା ସହ ତାଙ୍କର ଦେହାନ୍ତ ହୋଇଯାଇଥିଲେ ସୁଦ୍ଧା ତାଙ୍କର ପରିବାର ବର୍ଗଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ସହାୟତା ରାଶି ମିଳିନାହିଁ। ସହାୟତା ରାଶି ମିଳିବା ପାଇଁ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶ୍ରମଅଧିକାରୀ ସୁକାନ୍ତ ସେଠୀ ଓ ଡାଟାଅପରେଟର ସଂଗୀତାରାଣୀ ମହାନା, ଗ୍ରାମାଞ୍ଚଳ ଶ୍ରମ ଅଧିକାରୀ ପ୍ରଶାନ୍ତ ସୁନାଙ୍କୁ ହିତାଧିକାରୀମାନେ ଗୁହାରି କରିବାକୁ ଗଲେ ଅଧିକାରୀ ବାବୁ ଜଣକ ମୁଁ କିଛି ଜାଣେ ନାହିଁ ଡାଟାଅପରେଟରଙ୍କ ପାଖକୁ ଯାଇ ବୁଝ ସେ ଜାଣିବେ ବୋଲି କହୁଥିବା ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ ସମ୍ପୃକ୍ତ ଅଧିକାରୀ ଜଣକ ଶ୍ରମିକଙ୍କୁ ନାଲି ଆଖି ଦେଖାଇ ଏଇଟା ତୁମ ଘର ନୁହେଁ ଅଫିସ କହି ହିତାଧିକାରୀମାନଙ୍କୁ ଅଫିସରୁ ବାହାର କରିଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପଟେ ଉକ୍ତ ଯୋଜନା ପାଇବାରେ ଯୋଗ୍ୟ ହିତାଧିକାରୀ ମାନଙ୍କର ଯାଞ୍ଚ ପ୍ରକ୍ରିୟା ମଧ୍ୟ ଅଧିକାରୀ ଦ୍ୱାରା ସରିଯାଇଥିବା ବେଳେ ମଧ୍ୟ ସରକାରୀ ସହାୟତା ରାଶି ମିଳିନାହିଁ। ଅପରପକ୍ଷରେ କେତେ ଜଣ ହିତାଧିକାରୀମାନଙ୍କର ସହାୟତା ରାଶି ମିଳିବା ପାଇଁ ଆବେଦନ କରିଥିବା ଆବେଦନ ଫର୍ମ ମଧ୍ୟ ହଜିଯାଇଛି ବୋଲି ଅଧିକାରୀମାନେ କହିଛନ୍ତି ବୋଲି ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଏ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଦୁର୍ଭାଗ୍ୟ ଜନକ ବୋଲି ଚର୍ଚ୍ଚା ହେଉଛି। ତେବେ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ହିତାଧିକାରୀ ମାନେ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗର ୬ ପ୍ରସ୍ତାବ ସମେତ ୮ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର(ଏନ୍.ଏମ୍.) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମୋଟ ୮ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ସେଥିରେ ୬ଟି ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ୨ଟି ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଜଳସମ୍ପଦ ବିଭାଗର ଥିଲା। ଏଥିରେ ଅଧିକାଂଶ ପ୍ରସ୍ତାବ କ୍ୟାଡ଼ର ସଂଶୋଧନ ଓ ସେବା ସର୍ତ୍ତାବଳୀ ସଂକ୍ରାନ୍ତ। ଦୀର୍ଘଦିନ ଧରି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ୫୦୪ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରିକୁ ନିୟମିତକରଣ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି। ସେମାନଙ୍କ ଚାକିରି ନିୟମିତ ହେବା ଦ୍ୱାରା ରାଜ୍ୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ବିତରଣ ଓ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଓ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ଏହି ଚୁକ୍ତିଭିତ୍ତିକ ସୁପରଭାଇଜର ସଂଘ ଜରିଆରେ ମିଳିଥିବା ଦାବିପତ୍ର ଓ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ବିଚାର ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ଚାକିରି ନିୟମିତ ହେବା ଫଳରେ ଗ୍ରାମାଂଚଳ ଓ ଆଦିବାସୀ ଅଂଚଳର ଶିକ୍ଷିତ ମହିଳାମାନେ ନିଷ୍ଠାର ସହ ସୁପରଭାଇଜର ଭାବେ କାର୍ଯ୍ୟ କରିବା ପାଇଁ ଅନୁପ୍ରାଣୀତ ହେବେ। ସେହିପରି ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରର ପୁନର୍ଗଠନ ଓ ଓଡ଼ିଶା ନର୍ସିଂ ସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ-୨୦୧୯ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଭାରତୀୟ ନର୍ସିଂ ପରିଷଦର ନିୟମାବଳୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ସଂଶୋଧିତ ନିୟମାବଳୀ-୨୦୨୨ ଅନୁସାରେ ରାଜ୍ୟ ସରକାର ଅନୁରୂପ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ନର୍ସିଂ ଅଧିକାରୀମାନଙ୍କ ଉପଯୁକ୍ତ ବୃତ୍ତିଗତ ପ୍ରୋତ୍ସାହନ ପାଇଁ ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରର ପୁନର୍ଗଠନ ପ୍ରସ୍ତାବକୁ ସାଧାରଣ ପ୍ରଶାସନ ଓ ଅର୍ଥ ବିଭାଗ ଦ୍ୱାରା ମଧ୍ୟ ମଞ୍ଜୁରୀ ମିଳିଛି। ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରରେ ଏବେ ଅତିରିକ୍ତ ୩୯୯ଟି ନୂଆ ପଦବୀ ସୃଷ୍ଟି ହୋଇଛି। ଏବେ ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରରେ ମୋଟ ୨୮୨୮୫ଟି ମୂଳ ପଦବୀ ରହିଛି। ସେଥିରୁ ୧୧୯୪୩ଟି ପଦବୀକୁ ଉଚ୍ଛେଦ କରି ନୂତନ ଭାବେ ୭୯୯୭ଟି ବରିଷ୍ଠ ନର୍ସିଂ ଅଧିକାରୀ ପଦବୀ ସୃଷ୍ଟି ଓ ଆନୁପାତିକ ଭାବେ ପଦୋନ୍ନତିଭିତ୍ତିକ ପଦବୀରେ ବୃଦ୍ଧି କରାଯାଇ ମୋଟ ପଦବୀ ସଂଖ୍ୟା ୨୮୬୮୪ କରାଯାଇଛି। ନର୍ସିଂ ଅଧିକାରୀଙ୍କଠୁ ଆରମ୍ଭ କରି ସହାୟକ ନର୍ସିଂ ଅଧିକ୍ଷକଙ୍କ ପର୍ଯ୍ୟନ୍ତ ବରିଷ୍ଠତା ତାଲିକା, ନର୍ସିଂ ନିର୍ଦ୍ଦେଶକସ୍ତରରେ ଓ ତଦୁର୍ଦ୍ଧ୍ୱ ଅଧିକାରୀଙ୍କ ବରିଷ୍ଠତା ତାଲିକା ପ୍ରଶାସନିକ ବିଭାଗସ୍ତରରେ ପ୍ରସ୍ତୁତ କରାଯିବ। ଏହି ବିଭିନ୍ନ ଉଚ୍ଚପଦବୀକୁ ପଦୋନ୍ନତି ପାଇଁ ପୂର୍ବରୁ ଥିବା ସର୍ବନିମ୍ନ ବୟସସୀମାକୁ ହ୍ରାସ କରାଯାଇଛି। ଏହି ପୁନର୍ଗଠନ ଦ୍ୱାରା ରାଜ୍ୟ ସରକାରଙ୍କୁ ବାର୍ଷିକ ୨୪୫କୋଟି ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡ଼ିବ। ସେହିପରି ଓଡ଼ିଶାରେ ରାଜ୍ୟ ଜଳସୂଚନା ବିଜ୍ଞାନ କେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଜଳ-ପାଣିପାଗ ତଥ୍ୟର ଏକ ବିସ୍ତୃତ ଭଣ୍ଡାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଜଳସୂଚନା ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିବ। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଜଳସୂଚନା ବିଜ୍ଞାନ କେନ୍ଦ୍ରରେ ଜଳସମ୍ପଦ ପରିଚାଳନା, ତଥ୍ୟ ପରିଚାଳନା ଓ ଆଇଟି କ୍ଷେତ୍ରରେ ଜ୍ଞାନ ଥିବା ଦକ୍ଷ ଟିମ୍ ରହିବେ, ଯେଉଁମାନେ କି ନିଜ ସଂସ୍ଥାରୁ ନିୟୋଜିତ ରହିବେ କିମ୍ବା ବାହ୍ୟ ସଂସ୍ଥାରୁ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଳ-ପାଣିପାଗ ବିଜ୍ଞାନ ତଥ୍ୟ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ରାଜ୍ୟ ଜଳସୂଚନା ବିଜ୍ଞାନ କେନ୍ଦ୍ର, ଜାତୀୟ ଜଳସୂଚନା ବିଜ୍ଞାନ କେନ୍ଦ୍ର ସହିତ ନିରବଚ୍ଛିନ୍ନ ସହଯୋଗ କରିବ।




# ବାରବାଟୀ ଷ୍ଟାଡିୟମ୍ ନବୀକରଣ କାର୍ଯ୍ୟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



**କଟକ(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଭର୍ଚୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ଏହି ଷ୍ଟାଡିୟମର ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏସହ ମୁଖ୍ୟମନ୍ତ୍ରୀ ରାଜ୍ୟର ୩୦ ଜିଲ୍ଲାରେ ୪୧ କ୍ରିକେଟ୍ ଏକାଡେମୀର ମଧ ଉଦ୍ଘାଟନ କରିଛନ୍ତି। ଏହି ଶିଳାନ୍ୟାସ ଅବସରରେ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରିକେଟର ଇରଫାନ୍ ପଠାନ, ପ୍ରଜ୍ଞାନ ଓଝା, ଦେବାଶିଷ ମହାନ୍ତି, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂ ଧୁମାଲଙ୍କ ସମେତ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଫୁଟବଲ ଆସୋସିଏସନ ସମ୍ପାଦକ ଆର୍ଶିବାଦ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ସରକାର ବର୍ତ୍ତମାନର ବାରବାଟୀ ଷ୍ଟାଡିୟମକୁ ଭାଙ୍ଗି, ତାହାରି ସ୍ଥାନରେ ୭ ଶହ କୋଟି ଟଙ୍କା ବ୍ୟୟରେ ବିଶ୍ୱସ୍ତରୀୟ ବାରବାଟୀ ସ୍ପୋର୍ଟସ କମ୍ପ୍ଲେକ୍ସ ତିଆରି କରିବାକୁ ଯୋଜନା ରଖିଛନ୍ତି। ଦର୍ଶକ କ୍ଷମତା ୪୨ ହଜାରରୁ ବୃଦ୍ଧି ପାଇ ୬୦ ହଜାର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ବିସିସିଆଇର ଗ୍ରୀନ୍ ସିଗନାଲ ପରେ ଓସିଏ ପକ୍ଷରୁ ଏନେଇ ଡିପିଆର ପ୍ରସ୍ତୁତ ହୋଇଥିବା କୁହାଯାଉଛି। କଟକର ଏହି ଐତିହାସିକ ଷ୍ଟାଡିୟମ ନୂଆ ରୂପରେ ଗଢ଼ି ତୋଲିବା ସହ ବାରବାଟୀରେ ଅତ୍ୟାଧୁନିକ ସୁବିଧା-ସୁଯୋଗ ଏବଂ ଷ୍ଟାଡିୟମର କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଏଠାରେ ସ୍ପୋର୍ଟ କମ୍ପ୍ଲେକ୍ସ, ଅତ୍ୟାଧୁନିକ ଜିମ୍ ସେଣ୍ଟର, ମଲ, ଅଫିସ୍, ଷ୍ଟାର ହୋଟେଲ ଆଦି ସୁବିଧା ରହିବ। ଷ୍ଟାଡିୟମ ସମ୍ମୁଖକୁ ସାଧାରଣ ଲୋକଙ୍କ ପାଇଁ ମଧ ବିକଶିତ କରାଯିବ। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ପୁରୀସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ, ବ୍ରହ୍ମପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯାଜପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଓସିଏ ଦ୍ୱାରା ବିକଶିତ ୪୨ଟି କ୍ରିକେଟ ଏକାଡେମୀ, ପୁରୀରେ ମହିଳା କ୍ରିକେଟ ଏକାଡେମୀ, ଝାରସୁଗୁଡ଼ା କ୍ରିକେଟ ଗ୍ରାଉଣ୍ଡ, ଗଞ୍ଜାମରେ ଭାରୋତ୍ତୋଳନ ଏକାଡେମୀ, ଯାଜପୁରରେ ହକି ପ୍ରଶିକ୍ଷଣ କେନ୍ଦ୍ର ଭଳି ଏକାଧିକ କ୍ରୀଡ଼ା ଭିତ୍ତିଭୂମିର ଉଦଘାଟନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ଭିଏସଏସ କ୍ରିକେଟ ଷ୍ଟାଡିୟମର ପୁନଃବିକାଶ, ବରଗଡ଼ରେ ସ୍ପୋର୍ଟ କମ୍ପ୍ଲେକ୍ସ, ଡେଙ୍କାନାଳରେ ସ୍ପୋର୍ଟ କମ୍ପ୍ଲେକ୍ସ ଏବଂ ଯାଜପୁରରେ ସ୍ପୋର୍ଟ ଏକାଡେମୀ ଭଳି କ୍ରୀଡ଼ା ଭିତ୍ତିଭୂମିର ଭିତ୍ତି ପ୍ରସ୍ତର ରଖିଥିବା ଜଣାପଡ଼ିଛି। ଏହାପରେ ବାରବାଟୀ ଷ୍ଟାଡ଼ିୟମ ପରିସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଟେବୁଲ୍ ଟେନିସ୍ ଯୁଥ୍ କଣ୍ଟେଣ୍ଡର: ସାର୍ଥକଙ୍କୁ ରୌପ୍ୟ



**ନୂଆଦିଲ୍ଲୀ(ଏଜେନ୍ସି):** ଟ୍ୟୁନିସିଆରେ ଆୟୋଜିତ ବିଶ୍ୱ ଟେବୁଲ ଟେନିସ ଯୁଥ କଣ୍ଟେଣ୍ଡରରେ ୧୫ ବର୍ଷରୁ କମ୍ ମିଶ୍ରିତ ଯୁଗଳରେ ଓଡ଼ିଆ ପୁଅ ସାର୍ଥକ ଆର୍ଯ୍ୟ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ରିଆନ୍ ଭୂତାଙ୍କୁ ସାଥୀ କରି ୧୪ ବର୍ଷୀୟ ସାର୍ଥକ ୦-୩ରେ ହଂକଂର ଲାଉ ଏଡେନ ଓ ମାକ୍ ମିଙ୍ଗ ସୁମଙ୍କଠୁ ହାରି ଯାଇଥିଲେ। ବିଶ୍ୱସ୍ତରୀୟ ଟିଟିରେ ସଫଳତା ହାସଲ କରିଥିବା ସାର୍ଥକ ଏଥି ପୂର୍ବରୁ ଜାତୀୟସ୍ତରୀୟ ୧୫ବର୍ଷରୁ କମ୍ ଏକକରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥି ସହିତ ୧୭ ବର୍ଷରୁ କମରେ ଜାତୀୟସ୍ତରୀୟ ଦଳଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ଜାତୀୟସ୍ତରୀୟ ସ୍କୁଲ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସିବିଏସଇ ପ୍ରତିଯୋଗିତାରେ ସାର୍ଥକ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ସାର୍ଥକ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଗୁଣ୍ଠିଲୋ ଗରମା ଗ୍ରାମର ମୂଳ ବାସିନ୍ଦା। ସୋନିପତ୍ର ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସାର୍ଥକ ଆଗକୁ ଅଲିମ୍ପିକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିବାର ଲକ୍ଷ୍ୟ ରଖିଛନ୍ତି। ଲକ୍ଷ୍ୟ ହାସଲ କରିବା ପାଇଁ ସାର୍ଥକ ହରିୟାଣାର ସୋନିପତସ୍ଥିତ ପିଏସ୍ପିବିରେ ପ୍ରଶିକ୍ଷଣ ନେବାସହିତ ଦୈନିକ ୮ ଘଣ୍ଟାର ପରିଶ୍ରମ କରୁଛନ୍ତି।

# ଲଣ୍ଡନ ଗଲେ କେଏଲ ରାହୁଲ, ୫ମ ଟେଷ୍ଟକୁ ଫେରିବେ ବୁମ୍ରା



**ନୂଆଦିଲ୍ଲୀ(ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜକୁ ଟିମ ଇଣ୍ଡିଆ ୩-୧ରେ ଆଗୁଆ କବଜା କରି ସାରିଛି। ଆସନ୍ତା ୭ ତାରିଖରୁ ଧର୍ମଶାଳାରେ ୫ମ ଟେଷ୍ଟ ଆରମ୍ଭ ହେବ। ଏହାପୂର୍ବରୁ କେଏଲ ରାହୁଲଙ୍କ ଫିଟନେସ ଓ ଯଶପ୍ରୀତ ବୁମ୍ରାଙ୍କ କମବ୍ୟାକକୁ ନେଇ ଚର୍ଚ୍ଚା ଲାଗି ରହିଛି। ୪ର୍ଥ ଟେଷ୍ଟରୁ ଭାରତ ୪ ଦିନରେ ଜିତି ନେଇଥିଲା। ଏହାର ଅର୍ଥ ଟିମ ଇଣ୍ଡିଆକୁ ବିଶ୍ରାମ ପାଇଁ ୯ ଦିନର ସମୟ ମିଳିଛି। ରାଞ୍ଚି ଟେଷ୍ଟ ପରେ ଖେଳାଳିମାନେ ନିଜ ନିଜ ଇଚ୍ଛାରେ ଅନ୍ୟତ୍ର ଚାଲି ଯାଇଛନ୍ତି। ସମସ୍ତଙ୍କୁ ମାର୍ଚ୍ଚ ୨ରେ ଚଣ୍ଡିଗଡ଼ରେ ଏକାଠି ହେବାକୁ କୁହାଯାଇଛି। ସ୍କ୍ୱାଡରେ ଥିବା ଖେଳାଳି ଓ ସର୍ପୋଟ ଷ୍ଟାଫ ଚଣ୍ଡିଗଡ଼ରେ ପହଞ୍ଚିବା ପରେ ୩ ତାରିଖରେ ସମସ୍ତେ ଏକାଠି ଧର୍ମଶାଳା ଗସ୍ତ କରିଥିଲେ। ତେବେ ୯ ଦିନର ଗ୍ୟାପ୍ ମଧ କେଏଲ ରାହୁଲଙ୍କ ସେବା ପାଇବା ପାଇଁ ଯଥେଷ୍ଟ ନୁହେଁ। ସେ ୫ମ ଟେଷ୍ଟ ଖେଳିବେ ନାହିଁ ବୋଲି ରିପୋର୍ଟ ପ୍ରକାଶ ପାଇଛି। କ୍ରିକବଜରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ବିଶେଷଜ୍ଞଙ୍କ ପରାମର୍ଶ ପାଇଁ କେଏଲ ରାହୁଲଙ୍କୁ ଲଣ୍ଡନ ପଠାଯାଇଛି। କାରଣ ଏବେ ବି ସେ ଡାହାଣ ପଟ ଜଙ୍ଘରେ ସମସ୍ୟା ଅନୁଭବ କରୁଛନ୍ତି। ସମାନ ଆହତ ସମସ୍ୟା ଯୋଗୁ ରାହୁଲ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ଟେଷ୍ଟରୁ ବାଦ ପଡ଼ିଥିଲେ। ଇଂଲଣ୍ଡ ବିପକ୍ଷ ହାଇଦ୍ରାବାଦ ଟେଷ୍ଟରେ ସେ ୮୬ ରନର ଇନିଂସ ଖେଳିଥିଲେ। ଏହାପରେ ଆହତ ଯୋଗୁ ତାଙ୍କୁ ବେଙ୍ଗାଲୁରୁ ସ୍ଥିତ ଏନସିଏକୁ ପଠାଇ ଦିଆଯାଇଥିଲା। ଗତବର୍ଷ ସମାନ ସମସ୍ୟା ପାଇଁ ରାହୁଲଙ୍କ ସର୍ଜରୀ ମଧ ହୋଇଥିଲା। ଏବେ ପୁଣି ସମାନ ସମସ୍ୟା ତାଙ୍କର ସାମ୍ନାକୁ ଆସିଛି। କୁହାଯାଉଛି ଯେ ରାହୁଲଙ୍କ ଆହତ ସମସ୍ୟା ଗୁରୁତର ନୁହେଁ, କିନ୍ତୁ ସେ ଦିନିକିଆ ଓ ଟେଷ୍ଟ ଟିମର ନିୟମିତ ସଦସ୍ୟ ହୋଇଥିବାରୁ ତାଙ୍କ ଉପରେ ଅଧିକ ଚାପ ଦେବାକୁ ବିସିସିଆଇ ଚାହୁଁନାହିଁ। ତେଣୁ ପୂରା ଫିଟ ହେବା ଯାଏ ବିସିସିଆଇ ତାଙ୍କୁ ମ୍ୟାଚ୍ ନଖେଳାଇବାକୁ ନିଷ୍ପତ୍ତି ନେଇଛି। ଆଇପିଏଲ ପୂର୍ବରୁ ଭାରତ ଧର୍ମଶାଳାରେ ଶେଷ ଟେଷ୍ଟ ଖେଳିବ। ରାହୁଲ ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଥିବା ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟସର କମାଣ ସମ୍ଭାଳିବେ। ଭାରତ ଟେଷ୍ଟ ସିରିଜ ଜିତି ସାରିଥିବାରୁ ରାହୁଲଙ୍କୁ ଠିକ ହେବା ପାଇଁ ବିସିସିଆଇ ଆହୁରି ସମୟ ଦେବାକୁ ନିଷ୍ପତ୍ତି ନେଇଛି। ଯଦି ରାହୁଲ ୫ମ ଟେଷ୍ଟ ନ ଖେଳନ୍ତି, ତା'ହେଲେ ଦେବଦତ୍ତ ପାଡିକ୍କଲଙ୍କୁ ସୁଯୋଗ ମିଳିପାରେ। କାରଣ ମଧ୍ୟକ୍ରମରେ ବ୍ୟାଟିଂ କରୁଥିବା ରଜତ ପାଟିଦାର କ୍ରମାଗତ ଭାବେ ଫେଲ ମାରୁଛନ୍ତି। ଏପରି ସ୍ଥିତିରେ ଟିମ ମ୍ୟାନେଜମେଣ୍ଟ ମଧ୍ୟକ୍ରମରେ ବାମହାତୀ ବ୍ୟାଟର ପାଡିକ୍କଲଙ୍କୁ ସୁଯୋଗ ଦେଇ ପାରେ। ଅନ୍ୟପକ୍ଷରେ ଯଶପ୍ରୀତ ବୁମ୍ରା ୫ମ ଟେଷ୍ଟକୁ ଫେରିବେ। ୱାର୍କଲୋଡ ମ୍ୟାନେଜମେଣ୍ଟ ପାଇଁ ବୁମ୍ରାଙ୍କୁ ୪ର୍ଥ ଟେଷ୍ଟରେ ବିଶ୍ରାମ ଦିଆଯାଇଥିଲା। ଏବେ ସେ ୫ମ ଟେଷ୍ଟରେ ଦଳକୁ ଫେରିବେ। ସମ୍ଭବତଃ ଟିମ ମ୍ୟାନେଜମେଣ୍ଟ ଆଉ କିଛି ବରିଷ୍ଠ ଖେଳାଳିଙ୍କୁ ୫ମ ଟେଷ୍ଟରେ ବିଶ୍ରାମ ଦେଇପାରେ।

# ଆଇସିସି ରାଙ୍କିଙ୍ଗ: କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ଭାରତର 'ୟଙ୍ଗ ବ୍ରିଗେଡିୟର'



**ନୂଆଦିଲ୍ଲୀ(ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ୪ର୍ଥ ଟେଷ୍ଟରେ ଭାରତରକୁ ଚମତ୍କାର ଢଙ୍ଗରେ ବିଜୟ ଭେଟି ଦେଇଥିବା ଟିମ ଇଣ୍ଡିଆର ୩ ୟଙ୍ଗ ବ୍ୟାଟରଙ୍କୁ ମିଳିଛି ବଡ଼ ସଫଳତା। ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ଟିମ ଇଣ୍ଡିଆର ୩ ୟଙ୍ଗ ବ୍ରିଗେଡିୟର କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଇଂଲଣ୍ଡ ବିପକ୍ଷ ୪ର୍ଥ ଟେଷ୍ଟରେ ଯଶସ୍ୱୀ ଜୈସୱାଲ, ଶୁବମନ ଗିଲ୍ ଓ ଧ୍ରୁବ ଜୁରେଲ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ୩ ଯୁବ ବ୍ୟାଟରଙ୍କ କମାଲ ଯୋଗୁ ଭାରତ ୪ର୍ଥ ଟେଷ୍ଟ ଜିତିବା ସହ ସିରିଜ ମଧ କବଜା କରିଛି। ମ୍ୟାଚ୍ ବିଜୟ ଇନିଂସ ପରେ ଏହି ୩ ଖେଳାଳି ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ପଦୋନ୍ନତି ପାଇଛନ୍ତି। ନ୍ୟୁଜିଲ୍ୟାଣ୍ଡର କେନ ୱିଲିୟମସନ ପୂର୍ବ ଭଳି ରାଙ୍କିଙ୍ଗର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତ ବିପକ୍ଷରେ ଶତକ ହାସଲ କରିଥିବା ଇଂଲିଶ ଟିମର ଜୋ ରୁଟ ତୃତୀୟ ସ୍ଥାନକୁ ଉଠିଛନ୍ତି। ସେହିପରି ଅଲରାଉଣ୍ଡର ରାଙ୍କିଙ୍ଗରେ ସେ ୩ଟି ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଛନ୍ତି। ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଯଶସ୍ୱୀ ଜୈସୱାଲ ୩ଟି ସ୍ଥାନ ଉପରକୁ ଉଠି ୧୨ତମ, ଗିଲ ୪ଟି ସ୍ଥାନ ଉପରକୁ ଉଠି ୩୧ତମ ଓ ଜୁରେଲ ୩୧ଟି ସ୍ଥାନ ଲମ୍ଫ ମାରି ରାଙ୍କିଙ୍ଗର ୬୯ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଏହା ସେମାନଙ୍କର ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ରାଙ୍କିଙ୍ଗ। ଇଂଲଣ୍ଡର ଓପନର ଜ୍ୟାକ କ୍ରାଉଲୀ ମଧ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ ଦଖଲ କରିଛନ୍ତି। ସେ ଭାରତ ବିପକ୍ଷ ୪ର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପରେ ସେ ରାଙ୍କିଙ୍ଗରେ ୧୦ଟି ସ୍ଥାନ ଉପରକୁ ଉଠିଛନ୍ତି। ଏବେ ସେ ୧୭ତମ ସ୍ଥାନରେ ଅଛନ୍ତି। ବ୍ୟାଟିଂ ରାଙ୍କିଙ୍ଗର ଦ୍ୱିତୀୟ ସ୍ଥାନରେ ଷ୍ଟିଭ ସ୍ମିଥ, ୪ର୍ଥରେ ଡାର୍ଲି ମିଚେଲ, ୫ମରେ ବାବର ଆଜମ, ୬ଷ୍ଠରେ ଉସମାନ ଖ୍ୱାଜା, ୭ମରେ ଦିମୁଥ କରୁଣାରନତ୍ନେ, ୮ମରେ ମାର୍ନସ ଲାବୁଶେନ, ୯ମରେ ବିରାଟ କୋହଲି ଓ ୧୦ମ ସ୍ଥାନରେ ହ୍ୟାରୀ ବ୍ରୁକ ରହିଛନ୍ତି।ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ପ୍ରଥମ ସ୍ଥାନରେ ପୂର୍ବଭଳି ଯଶପ୍ରୀତ ବୁମ୍ରା ରହିଛନ୍ତି। ସେ ୪ର୍ଥ ଟେଷ୍ଟ ଖେଳି ନଥିଲେ ମଧ ତାଙ୍କୁ କେହି ବି ଅତିକ୍ରମ କରି ପାରି ନାହାନ୍ତି। ୪ର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ୪ ୱିକେଟ ନେଇଥିବା କୁଲଦୀପ ଯାଦବ ୧୦ଟି ସ୍ଥାନ ଉପରକୁ ଉଠି ୩୧ତମ ସ୍ଥାନ ଦଖଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ରାଙ୍କିଙ୍ଗ।

# ସଫଳ ହେଲା ସାମିଙ୍କ ଅସ୍ତ୍ରୋପଚାର, ଶୀଘ୍ର ସୁସ୍ଥ ହୁଅ ବୋଲି ଲେଖିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି):** ସଫଳ ହେଲା ଭାରତର ଷ୍ଟାର ଫାଷ୍ଟ ବୋଲର ମହମ୍ମଦ ସାମିଙ୍କ ଅସ୍ତ୍ରୋପଚାର। ଶୀଘ୍ର ସୁସ୍ଥ ହୁଅ ବୋଲି ଲେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପୂର୍ବ ମ୍ୟାଚରେ ତାଙ୍କ ବାମ ଗୋଡରେ ଆଘାତ ଲାଗିଥିଲା। ଏଥିପାଇଁ ସାମି ବ୍ରିଟେନରେ ନିଜର ଅସ୍ତ୍ରୋପଚାର କରାଇବେ ବୋଲି ଖବର ମିଳିଥିଲା। ଏହି କାରଣରୁ ତାଙ୍କୁ ଆଇପିଏଲରୁ ମଧ ବାଦ୍ ଦିଆଯାଇଥିଲା। ଏବେ ତାଙ୍କର ଅସ୍ତ୍ରୋପଚାର ଶେଷ ହୋଇଥିବା ବେଳେ ସେ ସୁସ୍ଥ ଥିବା ନିଜେ ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ସାମି ଏକ୍ସରେ ପୋଷ୍ଟ କରି ଜଣାଇଥିଲେ ଯେ, ଗୋଇଠିର ସଫଳ ଅସ୍ତ୍ରୋପଚାର ହୋଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ କିଛି ସମୟ ଲାଗିବ।ପୁଣି ଥରେ କେବେ ଛିଡ଼ା ହେବି, ସେ ଦିନକୁ ଅପେକ୍ଷା। ତାଙ୍କର ଏହି ପୋଷ୍ଟକୁ ସେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେଖିଛନ୍ତି ଯେ, "ଆପଣ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ମୁଁ କାମନା କରୁଛି। ମୁଁ ନିଶ୍ଚିତ ଯେ ଆପଣ ସାହସର ସହିତ ଏହି ସମୟର ସାମ୍ନା କରିବେ ଏବଂ ସୁସ୍ଥ ହେବେ।" ମୋଦୀଜୀଙ୍କ ପୋଷ୍ଟ ପରେ ଏକ୍ସରେ ପୋଷ୍ଟ କରି ସାମି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିବା ଦେଖିବାକୁ ମିଳିଛି।

# ସଜନାଙ୍କ ଶୈଳୀରେ ପୋଲାର୍ଡଙ୍କ ପ୍ରତିଛବି: ଧାନ କିଆରିରୁ ଡବ୍ଲ୍ୟୁପିଏଲ୍ ତାରକା



**ମୁମ୍ବାଇ(ଏଜେନ୍ସି):** ଆବୁଡ଼ାଖାବୁଡ଼ା ଧାନ ବିଲରେ ସାଙ୍ଗସାଥୀଙ୍କ ସହ କ୍ରିକେଟ୍ ଖେଳିବା ଠାରୁ କେରଳ ରାଜ୍ୟ ଦଳରେ ସ୍ଥାନ ମିଳିବା। ସେଠାରୁ ପୁଣି ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) କ୍ରିକେଟ୍ ପ୍ରତିଯୋଗିତାରେ ତାରକା ଖେଳାଳି ମାନ୍ୟତା ପାଇବା, ଏହି ଅତୁଳନୀୟ ଯାତ୍ରାର ସଫଳ ନାୟିକା ହେଉଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ମହିଳା ଅଲରାଉଣ୍ଡର୍ ସଜନା ସଂଜୀବନ। ବେଙ୍ଗାଲୁରୁରେ ଖେଳାଯାଇଥିବା ଡବ୍ଲ୍ୟୁପିଏଲର ଉଦ୍ଘାଟନୀ ମ୍ୟାଚରେ କମାଲ କରିଛନ୍ତି ସଜନା। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଏହି ନାଟକୀୟ ମୁକାବିଲାର ଶେଷ ବଲରେ ଛକା ମାରି ମୁମ୍ବାଇ ଇଣ୍ଡିଆନ୍ସକୁ ରୋମାଞ୍ଚକ ବିଜୟ ଉପହାର ଦେବା ପରେ କେରଳର ୱାୟନାଡ଼ ଜିଲ୍ଲାର ମଫସଲ ଗାଁ ମନ୍ନାଭଡ଼ୀର ଏହି ଲାଜକୁଳି ଝିଅଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ବିସ୍ଫୋରକ ବ୍ୟାଟିଂ ଓ ପ୍ରଭାବୀ ଅଫ୍ ସ୍ପିନ୍ ବୋଲିଂ କରୁଥିବା ସଜନାଙ୍କ ଆକ୍ରାମକ ଖେଳରେ ମୁମ୍ବାଇ ଇଣ୍ଡିଆନ୍ସ (ପୁରୁଷ) ଦଳର ପରାକ୍ରମୀ ଖେଳାଳି କିରଣ ପୋଲାର୍ଡଙ୍କ ପ୍ରତିଛବି ଦେଖିବାକୁ ମିଳିଥାଏ। ଫଳରେ ତାଙ୍କୁ 'ଲେଡି ପୋଲାର୍ଡ' ବୋଲି କହୁଛନ୍ତି ସାଥୀ କ୍ରିକେଟର। ସଜନାଙ୍କ କ୍ରୀଡ଼ା ଜୀବନ ଯାତ୍ରାର କାହାଣୀ ବେଶ୍ ରୋଚକ। ବାପା ସଂଜୀବନ ଜଣେ ଅଟୋଚାଳକ ଏବଂ ମା' ଶାରଦା ହେଉଛନ୍ତି ପଞ୍ଚାୟତ ପରିଷଦ ସଦସ୍ୟା। ବାପାଙ୍କ ଧାନ ବିଲରେ ନଡ଼ିଆ ବରଡ଼ାକୁ ବ୍ୟାଟ୍ ଓ କାଗଜ ଗୁଳାକୁ ବଲ୍ କରି କ୍ରିକେଟ୍ ଜୀବନ ଆରମ୍ଭ କରିଥିଲେ ସେ। ସାଙ୍ଗସାଥୀଙ୍କ ସହ ସୌଖୀନ ଭାବେ କ୍ରିକେଟ୍ ଖେଳୁଥିବା ସଜନା ଦିନେ ପୂର୍ବତନ ଭାରତୀୟ ଓପନର୍ ଗୌତମ ଗମ୍ଭୀରଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଗମ୍ଭୀରଙ୍କଠାରୁ ଅଟୋଗ୍ରାଫ୍ ମିଳିବା ପରେ କିନ୍ତୁ ତାଙ୍କ ଜୀବନର ଗତିପଥ ଓ ଲକ୍ଷ୍ୟ ବଦଳି ଯାଇଥିଲା। ଗମ୍ଭୀରଙ୍କ ଭଳି ସେ ମଧ ଜଣେ କ୍ରିକେଟର୍ ହେବେ ବୋଲି ସେହିଦିନ ଶପଥ ନେଇଥିଲେ ସଜନା। ସେଥିପାଇଁ ଦିନରାତି ପରିଶ୍ରମ କରିବା ଆରମ୍ଭ କରି ଦେଇଥିଲେ। ଯାହାର ଫଳ ସ୍ୱରୂପ ମାତ୍ର କିଛି ଦିନ ଭିତରେ ନିଜ ରାଜ୍ୟର ୧୯ ବର୍ଷରୁ କମ୍ ମହିଳା ଦଳରେ ସ୍ଥାନ ପାଇଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ 'ଏ' ଦଳରେ ସ୍ଥାନ ପାଇ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗତବର୍ଷ ଡବ୍ଲ୍ୟୁପିଏଲ୍ ନିଲାମ ତାଲିକାରେ ସ୍ଥାନ ପାଇବା ପରେ ତାଙ୍କ ପ୍ରତିଭାକୁ ବ୍ୟାପକ ସ୍ୱୀକୃତି ମିଳିଥିଲା। ଦୁର୍ଭାଗ୍ୟଜନକ ଭାବେ କୌଣସି ଦଳ ତାଙ୍କ ପାଇଁ ବିଡ୍ କରି ନଥିଲେ। ଏଥିରେ ଭାଙ୍ଗି ନଯାଇ ନିଜ ପ୍ରତିଭାକୁ ଆହୁରି ଶାଣିତ କରିଥିଲେ। ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ବର୍ଷ ତାଙ୍କୁ ତାଙ୍କ ମୂଳଦରର ତିନିଗୁଣ ଅର୍ଥାତ୍ ୧୫ ଲକ୍ଷ ଟଙ୍କାରେ କିଣିଥିଲା। ରାତାରାତି ସେ ୱାୟାନାଡ଼ର କ୍ରିକେଟ୍ କୁଇନ୍ ପାଲଟି ଯାଇଥିଲେ। ଛକା ମାରି ମୁମ୍ବାଇ ଇଣ୍ଡିଆନ୍ସକୁ ଜିତାଇ ନିଜ ମୂଲ୍ୟର ସମ୍ମାନ ବି ରଖିଥିଲେ। ୱାୟନାଡ଼ ବାସିନ୍ଦା ଏବେ ତାଙ୍କୁ ନେଇ ବେଶ୍ ଗର୍ବିତ। ପରିବାରର ଆର୍ଥିକ ସ୍ଥିତି ମଧ କିଛିଟା ସୁଧୁରି ଯାଇଛି। କ୍ରିକେଟ୍ ସହ ଅଭିନୟରେ ରୁଚି ରଖିଥିବା ସଜନା ତାମିଲ ଚଳଚ୍ଚିତ୍ର 'କାନା'ରେ ମଧ ନିଜ ଯାଦୁ ଦେଖାଇ ସାରିଛନ୍ତି।




# ଡବଲ୍ ଥ୍ରୋ'ରେ ବିରଳ 'ଓମକାର': ହାମର୍ ଓ ସଟପୁଟରେ ରାଜ୍ୟ ମିଟ୍ ରେକର୍ଡଧାରୀ



**ଭୁବନେଶ୍ୱର(ଏନ୍.ଏମ୍.):** କଳିଙ୍ଗ ଷ୍ଟାଡ଼ିୟମରେ ୨୦୧୭ରେ ଆୟୋଜିତ ଏସୀୟ ଦୌଡ଼କୁଦ ପ୍ରତିଯୋଗିତା ରାଜ୍ୟ ଖେଳ ଦୁନିଆରେ ନୂଆ ଧାରା ଆରମ୍ଭ କରିଥିଲା। ଅନେକ ଯୁବ ଖେଳାଳିଙ୍କୁ ପ୍ରେରିତ କରିଥିଲା ଏହି ମହାଦେଶୀୟ ପ୍ରତିଯୋଗିତା। ନୂଆ ପ୍ରତିଭାଙ୍କୁ ବି ଆକର୍ଷିତ କରିଥିଲା ଅନେକ ମାତ୍ରାରେ। ବଡ଼ ପ୍ରତିଯୋଗିତା ଦେଖି ବଡ଼ ଖେଳାଳି ହେବାର ସ୍ୱପ୍ନ କିଭଳି ଜାଗ୍ରତ ହୁଏ ଏହାର ଉଦାହରଣ ଏବେ ନଜରକୁ ଆସିଛି। ଜଣେ ସାଧାରଣ ପ୍ରଶଂସକରୁ ଏବେ ଦୁଇ ଦୁଇଟି ରାଜ୍ୟ ଦୌଡ଼କୁଦ ମିଟ୍ ରେକର୍ଡର ଅଧିକାରୀ ହୋଇପାରିଛନ୍ତି ଓମକାର ପ୍ରସାଦ ନନ୍ଦ। ବୟସ ମାତ୍ର ୧୭ ବର୍ଷ। ଭୁବନେଶ୍ୱର ୟୁନିଟ୍-୯ରେ ରହୁଥିବା ପୁଲିସ ଅଧିକାରୀ ଗୋପୀନାଥ ନନ୍ଦ ଓ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀଙ୍କ ଏକ ମାତ୍ର ପୁଅ ଓମକାର ଏସୀୟ ଦୌଡ଼କୁଦ ପ୍ରତିଯୋଗିତା ଦେଖି ଖେଳ ପ୍ରତି ଆକର୍ଷିତ ହୋଇଥିଲେ। ବାପାଙ୍କ ସାଙ୍ଗରେ ଖେଳ ଦେଖିବାକୁ ଆସି ଥ୍ରୋ ଇଭେଣ୍ଟ୍ରେ ଖେଳିବାକୁ ଜିଦ୍ ଧରିଥିଲେ। ଏହି ଜିଦ୍ ଏବେ ଓଡ଼ିଶାକୁ ଜାତୀୟସ୍ତରରେ ପଦକ ଅମଳ ଦେଉଛି। ଖାଲି ଏତିକି ନୁହେଁ ଦୁଇ ଦୁଇଟି ଥ୍ରୋ ଇଭେଣ୍ଟରେ ଖେଳୁଥିବା ହାତଗଣତି ଖେଳାଳି ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟିଭିରେ ପ୍ରସାରିତ ମହାଭାରତରେ ଭୀମ ଭୂମିକାରେ ଅଭିନୟ କରିଥିବା ପ୍ରବୀଣ କୁମାର ସୋବ୍ତି ଦୁଇଟି ଇଭେଣ୍ଟ୍ ଡିସ୍କସ୍ ଓ ହାମରରେ ନାମ କମାଇଥିଲେ। ତାଙ୍କୁ ଅନୁସରଣ କରି ଓମକାର ଦୁଇଟିଯାକ ଇଭେଣ୍ଟରେ ନିଜ କ୍ୟାରିୟର କରିଛନ୍ତି। ଏହା ପଛରେ ବାପାଙ୍କ ଅଧିକ ହାତ ରହିଛି ବୋଲି ଓମକାର କହିଛନ୍ତି। ପୁରୀ ବ୍ରହ୍ମଗିରି କପିଳେଶ୍ୱର ଗାଁର ମୂଳ ବାସିନ୍ଦା ଓମକାର କହିଛନ୍ତି 'ଏସୀୟ ଦୌଡ଼କୁଦ ଦେଖିବାକୁ ଆସିବାବେଳେ ସଟପୁଟ୍ ଇଭେଣ୍ଟ୍ ଚାଲିଥିଲା। ତାହା ମୋତେ ବହୁତ ଭଲ ଲାଗିବାରୁ ଘରକୁ ଫେରି ଜିଦ୍ କରିଥିଲି ଏହି ଖେଳ ଖେଳିବାକୁ। ଦୁଇମାସ ପରେ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେଲି। ଦୌଡ଼କୁଦ ପ୍ରଶିକ୍ଷକ ଆଲୋକ ପ୍ରଧାନ ମୋତେ ଦେଖି ବାପାଙ୍କୁ କହିଲେ ପୁଅକୁ ଖେଳକୁ ଛାଡ଼ନ୍ତୁ। ଆଲୋକ ସାର୍ ଥ୍ରୋ ଇଭେଣ୍ଟ୍ର ପ୍ରଶିକ୍ଷକ ମଳୟ ରଞ୍ଜନ ପତିଙ୍କ ପାଖରେ ମୋତେ ପହଞ୍ଚାଇଲେ। ଏହା ପରଠୁ ମୁଁ ମଳୟ ସାରଙ୍କଠୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଛି'। ୨୦୧୮ ରାଜ୍ୟ କ୍ରୀଡ଼ାରେ ୧୪ ବର୍ଷରୁ କମ୍ ବର୍ଗ ସଟପୁଟରେ କାଂସ୍ୟ ଥିଲା ଓମକାରଙ୍କ ଜୀବନର ପ୍ରଥମ ପଦକ। ଏହା ପର ବର୍ଷ ସ୍ୱର୍ଣ୍ଣ ଜିତିଥିଲେ। କରୋନା କଟକଣା ଯୋଗୁଁ ପ୍ରାୟ ବର୍ଷେ ଖେଳରେ ବାଧା ଆସିଥିଲା। ତଥାପି ମଳୟ ସାରଙ୍କ ତତ୍ତ୍ୱାବଧାନରେ ଲୁଚି ଛପି ଅଭ୍ୟାସ ଚଳାଇଥିଲେ। ୨୦୨୧ ରାଜ୍ୟ ଦୌଡ଼କୁଦରେ ସ୍ୱର୍ଣ୍ଣ ଜିତିବା ସହ ପ୍ରଥମ ଥର ଜାତୀୟ ସୁଯୋଗ ପାଇଥିଲେ। ଇଭେଣ୍ଟ୍ ପୂର୍ବ ଦିନ ହାଡ଼ଫୁଟି ହେବା ସତ୍ତ୍ୱେ ରୌପ୍ୟ ଜିତିଥିଲେ। ୨୦୨୨ରେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଦୌଡ଼କୁଦ ଏଚପିସି ତତ୍କାଳୀନ ପ୍ରଶିକ୍ଷକ ଜେମ୍ସ ହିଲର ତାଙ୍କୁ ଚିହ୍ନଟ କଲେ। ଏଚପିସିରେ ସାମିଲ ହୋଇ ସଟପୁଟ୍ ଓ ହାମର୍ ଥ୍ରୋ ଅଭ୍ୟାସ କଲେ। ଏହି ବର୍ଷ ରାଜ୍ୟ ଦୌଡ଼କୁଦ (୧୬ ବର୍ଷରୁ କମ୍)ରେ ଉଭୟ ଇଭେଟରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ। ଉଭୟ କୀର୍ତ୍ତିମାନ (ସଟପୁଟ୍-୧୬.୯୪ ମିଟର ଓ ହାମର-୫୫.୪୫ ମିଟର) ଏବେ ବି ଓମକାରଙ୍କ ନାମରେ ରହିଛି। ପୂର୍ବାଞ୍ଚଳ ଦୌଡ଼କୁଦର ସଟପୁଟରେ ସ୍ୱର୍ଣ୍ଣ ଓ ହାମରରେ ଭଲ କରି ଜାତୀୟ ପ୍ରତିଯୋଗିତାରେ ସଟପୁଟରେ ସ୍ୱର୍ଣ୍ଣ ଓ ହାମରରେ ରୌପ୍ୟ ପାଇବା ସହ ଶ୍ରେଷ୍ଠ ଆଥଲେଟ୍ ଭାବେ ପୁରସ୍କୃତ ହୋଇଥିଲେ। ୨୦୨୩ରେ ରାଜ୍ୟ ଦୌଡ଼କୁଦ (୧୮ ବର୍ଷରୁ କମ୍)ରେ ଉଭୟ ଇଭେଣ୍ଟ୍ ସଟପୁଟ୍ (୧୭.୫୨) ଓ ହାମର (୫୬.୭୫)ରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପାଇଥିଲେ। ଏହି ରେକର୍ଡ ଏବେ ମଧ ଅତୁଟ ରହିଛି। ଯୁବ ଜାତୀୟ ଦୌଡ଼କୁଦ ବେଳେ ମାଟ୍ରିକ୍ ପରୀକ୍ଷା ଥିବାରୁ ଭାଗ ନେଇ ପାରି ନଥିଲେ। ତେଣୁ ଯୁବ ଏସୀୟ ଓ ରାଜ୍ୟଗୋଷ୍ଠୀ ଲାଗି ଯୋଗ୍ୟତା ଅର୍ଜନ ପାରିପାରି ନଥିଲେ। ଏହି ଦୁଃଖ ଭୁଲି ପୂର୍ବାଞ୍ଚଳରେ ସଟପୁଟ୍ ଓ ହାମରରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ଜିତିଛନ୍ତି। ଜାତୀୟ ପ୍ରତିଯୋଗିତାରେ ଶୀର୍ଷ ୮ରେ ରହି 'ଖେଲୋ ଇଣ୍ଡିଆ' ଯୁବ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ଆହତ ସମସ୍ୟାରୁ ବାହାରି 'ଇଣ୍ଡିଆରେ ଉଭୟ ଇଭେଣ୍ଟ୍'ରେ ସ୍ୱର୍ଣ୍ଣ ଜିତି ପାରିଥିଲେ। 'ଏବେ ମୁଁ ବରିଷ୍ଠସ୍ତରରେ ଖେଳିବା ସହ ଅଲିମ୍ପିକ୍ସ ଅଂଶଗ୍ରହଣ ଲକ୍ଷ୍ୟ ରଖିଛି। ମାର୍ଚ୍ଚରେ ହେବାକୁ ଥିବା କନିଷ୍ଠ ଫେଡେରେସନ୍ କପ୍ ଏବଂ ଅଗଷ୍ଟ ମାସର ଦକ୍ଷିଣ ଏସୀୟ (୨୦ ବର୍ଷରୁ କମ୍) ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଚଳାଇଛି। ବହୁତ କମ୍ ଖେଳାଳି ଦୁଇଟି ଥ୍ରୋ ଇଭେଣ୍ଟରେ ଭାଗ ନିଅନ୍ତି। ସମ୍ପ୍ରତି ଭାରତରେ ମୁଁ ବୋଧେ ଏକା ହାମର ସହ ସଟପୁଟ କରୁଛି' ବୋଲି ଦାବି କରିଛନ୍ତି ଓମକାର।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ